सत्यमेव जयते

# ଜାତୀୟ ଶିକ୍ଷାନୀତି ଡ୍ରାଫ୍ଟ ୨୦୧୯

# ସାରାଂଶ

## ଜାତୀୟ ଶିକ୍ଷାନୀତି ପ୍ରସ୍ତୁତି କମିଟି

**ଅଧ୍ୟକ୍ଷ**

କେ.କସ୍ତୁରୀ ରଂଗନ,ପ୍ରାକ୍ତନ ଅଧ୍ୟକ୍ଷ, ଭାରତୀୟ ମହାକାଶ ଗବେଷଣା ସଂସ୍ଥା ( ISRO), ବେଙ୍ଗାଲୁରୁ

**ସଦସ୍ୟବୃନ୍ଦ**

**କ.**ବସୁଧା କାମତ୍, ପ୍ରାକ୍ତନ ଉପ-କୁଳପତି, ଶ୍ରୀମତୀ ନାଥିବାଇ ଦାମୋଦର ଠାକରସି ମହିଳା ବିଶ୍ୱବିଦ୍ୟାଳୟ (ଏସଏନଡିଟି ଉଇମେନ ବିଶ୍ୱବିଦ୍ୟାଳୟ) , ମୁମ୍ବାଇ

**ଖ. ମଞ୍ଜୁଳା ଭାର୍ଗଭା, ଆର. ବ୍ରାଣ୍ଡନଫର୍ଡ, ଗଣିତ ପ୍ରଫେସର, ପ୍ରିନସଟନ୍ ବିଶ୍ୱବିଦ୍ୟାଳୟ, ଆମେରିକା**

**ଗ.** ରାମ ଶଙ୍କର କୁରିଲ୍, (ପ୍ରାକ୍ତନ)ସଂସ୍ଥାପକ ଉପ-କୁଳପତି, ବାବା ସାହେବ ଆମ୍ବେଦକର ସାମାଜିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ମଧ୍ୟପ୍ରଦେଶ

**ଘ. ଟି.ଭିକାଟିମଣି, ଉପ-କୁଳପତି, ଇନ୍ଦିରା ଗାନ୍ଧୀ ନେସେନାଲ୍ ଟ୍ରାଇବାଲ ୟୁନିଭାର୍ସିଟୀ, ଅମରକଣ୍ଟକ, ମଧ୍ୟପ୍ରଦେଶ**

**ଙ.** କ୍ରିଷ୍ଣା ମୋହନ ତ୍ରିପାଠୀ, ଶିକ୍ଷା ନିର୍ଦ୍ଦେଶକ(ମାଧ୍ୟମିକ) ଏବଂ ପ୍ରାକ୍ତନ ଅଧ୍ୟକ୍ଷ, ଉତ୍ତର ପ୍ରଦେଶର ଉଚ୍ଚ ବିଦ୍ୟାଳୟ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍ତର ପ୍ରଦେଶ

**ଚ.** ମାଜହର ଆସିଫ, ପ୍ରଫେସର, ପାର୍ସୀ ଏବଂ ସେଣ୍ଟ୍ରାଲ ଏସିଆନ୍ ଷ୍ଟଡିଜ୍, ସ୍କୁଲ୍ ଅଫ୍ ଲେଙ୍ଗୁଏଜ୍, ଲିଟେରେଚର ଆଣ୍ଡ କଲଚର୍ ଷ୍ଟଡିଜ୍, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

**ଛ.** ଏମ୍.କେ.ଶ୍ରୀଧର, ପ୍ରାକ୍ତନ  ସଦସ୍ୟ ସଚିବ,କର୍ଣ୍ଣାଟକ, ଜ୍ଞାନ ଆୟୋଗ,  ବେଙ୍ଗାଲୁରୁ, କର୍ଣ୍ଣାଟକ

**ସଚିବ**

**ଜ.**ଶକିଲା ଟି.ଶମସୁ, ବିଶେଷ କର୍ତ୍ତବ୍ୟ ଅଧିକାରୀ, (ଜାତୀୟ ଶିକ୍ଷାନୀତି), ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ

## ଜାତୀୟ ଶିକ୍ଷାନୀତି ନିର୍ଦ୍ଧାରଣ କମିଟିର ସଦସ୍ୟବୃନ୍ଦ

**କ.** ମଞ୍ଜୁଳା ଭାର୍ଗଭା, ଆର. ବ୍ରାଣ୍ଡନଫର୍ଡ, ଗଣିତ ପ୍ରଫେସର, ପ୍ରିନସଟନ୍ ବିଶ୍ୱବିଦ୍ୟାଳୟ, ଆମେରିକା

**ଖ.** କେ.ରାମଚନ୍ଦ୍ରନ୍ , ଉପଦେଷ୍ଟା, ଜାତୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥା, ନୂଆଦିଲ୍ଲୀ

**ଗ.** ଅନୁରାଗ ବେହର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏବଂ ଉପ-କୁଳପତି, ଅଜିମ୍ ପ୍ରେମଜୀ ଫାଉଣ୍ଡେସନ୍ ଏବଂ ଉପ-କୁଳପତି, ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁ

**ଘ.** ଲୀନା ଚନ୍ଦ୍ରନ୍ ୱାଡିଆ, ପର୍ଯ୍ୟବେକ୍ଷକ ଗବେଷଣା ପ୍ରତିଷ୍ଠାନ, ମୁମ୍ବାଇ

# ଭବିଷ୍ୟତ ଦୃଷ୍ଟି

୨୦୧୯ ଜାତୀୟ ଶିକ୍ଷାନୀତି ଏକ ଭାରତ-କୈନ୍ଦ୍ରିକ ଶିକ୍ଷାପ୍ରଣାଳୀର କଳ୍ପନା କରେ ଯାହା ସମସ୍ତଙ୍କୁ ଉନ୍ନତ ଉଚ୍ଚମାନର ଶିକ୍ଷା ପ୍ରଦାନ କରି ଆମ ରାଷ୍ଟ୍ରକୁ ଗୋଟିଏ ନ୍ୟାୟସଂଗତ ଏବଂ ଜୀବନ୍ତ ଜ୍ଞାନ ସମାଜରେ ନିରନ୍ତର ଭାବେ ପରିବର୍ତ୍ତନ କରିବାକୁ ପ୍ରୋତ୍ସାହନ କରିଥାଏ।

# ସଂକ୍ଷିପ୍ତ ନୀତି ଅବଲୋକନ

## I. ବିଦ୍ୟାଳୟ ଶିକ୍ଷା -

**କ.** ପ୍ରାରମ୍ଭିକ ଶୈଶବ ଶିକ୍ଷା: ପର୍ଯ୍ୟାପ୍ତ ନିବେଶ ଏବଂ ନୂଆ ପଦକ୍ଷେପ ସହିତ ଏହି  ଶିକ୍ଷାନୀତି ଶୈଶବ ଶିକ୍ଷାର ଆରମ୍ଭ ବର୍ଷ ବିଷୟରେ ଗୁରୁତ୍ୱ ଦିଏ ଏବଂ ଏହାର ଉଦ୍ଦେଶ୍ୟ ୨୦୨୫ ସୁଦ୍ଧା ୩ରୁ ୬ ବର୍ଷ ବୟସର ସବୁ ପିଲାମାନଙ୍କ ପାଇଁ  ଉପଯୁକ୍ତ ଦେଖାଶୁଣା ଏବଂ ଉନ୍ନତମାନର ଶିକ୍ଷାକୁ ନିଶ୍ଚିତ କରେ ।

**ଖ.** ମୌଳିକ ସାକ୍ଷରତା ଏବଂ ଗଣିତ ଦକ୍ଷତା: ଗ୍ରେଡ ୧ରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରାଥମିକ ସ୍ତରର ଭାଷା ଏବଂ ଗଣିତ ଉପରେ ବିଶେଷ ଧ୍ୟାନ ଦିଆଯିବ।

ଏହି ନୀତିର ଉଦ୍ଦେଶ୍ୟ ହେଉଛି ଯେ ୨୦୨୫ ମସିହା ସୁଦ୍ଧା ଗ୍ରେଡ ୫ ଏବଂ ପରବର୍ତ୍ତୀ ଗ୍ରେଡଗୁଡ଼ିକରେ ପ୍ରତ୍ୟେକ ଛାତ୍ରକୁ ମୌଳିକ  ସାକ୍ଷରତା  ଏବଂ ଗଣିତ ଜ୍ଞାନରେ ଦକ୍ଷ କରିବା ଉଚିତ୍।

**ଗ.** ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ପଦ୍ଧତି : ମସ୍ତିଷ୍କର ବିକାଶ ଏବଂ ଶିକ୍ଷଣ ସିଦ୍ଧାନ୍ତଗୁଡ଼ିକ ଆଧାର ଉପରେ ସ୍କୁଲ ଶିକ୍ଷା ପାଇଁ ଗୋଟିଏ ନୂଆ ବିକାଶ- ଉପଯୁକ୍ତ ପାଠ୍ୟକ୍ରମ ଏବଂ ଶୈକ୍ଷିକ ସଂରଚନା ୫+୩+୩+୪ ଡିଜାଇନର ଆଧାର ଉପରେ ବିକାଶ ଲାଭ କରିଛି। ପ୍ରତ୍ୟେକ ବିଷୟଗୁଡ଼ିକ ଉପରେ ସମାନ ଗୁରୁତ୍ୱ ଦିଆଯିବ- ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ଭାଷା, କ୍ରୀଡ଼ା, ଗଣିତ – ବିଦ୍ୟାଳୟର ବୃତ୍ତିଗତ  ଏବଂ ଶିକ୍ଷାକୁ ସମନ୍ୱିତ କରାଯିବ।

**ଘ.** ସାର୍ବଜନୀନ  ପ୍ରବେଶ:୨୦୩୦ ମସିହା ସୁଦ୍ଧା ସବୁ ପିଲାଙ୍କୁ ବିଭିନ୍ନ ଉପାୟରେ ସ୍କୁଲରେ ନାମ ଲେଖାଇବା ପାଇଁ ମୋଟ ନାମଲେଖା ଅନୁପାତ ୧୦୦ ପ୍ରତିଶତ  କରିବା ଏହି ନୀତିର ଉଦ୍ଦେଶ୍ୟ।

**ଙ.**ସମାନ ଏବଂ ସମାବେଶୀ ଶିକ୍ଷା:ଏହି ନୀତିରେ ବିଭିନ୍ନ ପଦକ୍ଷେପ ନିଆଯାଇଛି ଯେପରି କୌଣସି ପିଲା ଜନ୍ମଗତ କିମ୍ବା ଆର୍ଥିକ ପରିସ୍ଥିତି ଯୋଗୁଁ ଶିକ୍ଷା ଲାଭରୁ ବଞ୍ଚିତ ହେବ ନାହିଁ। ଏହା ଉପରେ ଗୁରୁତ୍ୱ ଦେବା ପାଇଁ ସ୍ୱତନ୍ତ୍ର ଶିକ୍ଷା ଅଞ୍ଚଳ ପ୍ରତିଷ୍ଠା କରାଯିବ।

**ଚ.** ଶିକ୍ଷକ: ଶିକ୍ଷକମାନେ ସୁଦୃଢ଼ ଓ ପାରଦର୍ଶୀ ପ୍ରକ୍ରିୟାରେ ନିଯୁକ୍ତ ହେବେ, ମେଧା ଆଧାରରେ ପଦୋନ୍ନତି ହେବେ , ଅନେକ ସ୍ତରରୁ କାର୍ଯ୍ୟ ସମୀକ୍ଷା କରାଯିବ ଏବଂ ଶିକ୍ଷା ପ୍ରଶାସକ କିମ୍ବା ଶିକ୍ଷକ ଶିକ୍ଷାଦାତା ହେବା ପାଇଁ ଉନ୍ନତିର ମାର୍ଗ ଉପଲବ୍ଧ ହେବ।

**ଛ.** ବିଦ୍ୟାଳୟ ନିୟନ୍ତ୍ରଣ : ସ୍କୁଲଗୁଡ଼ିକ ବିଦ୍ୟାଳୟ  ପରିସର ୧୦ରୁ ୨୦ ସରକାରୀ ବିଦ୍ୟାଳୟର ଗୋଷ୍ଠୀ ଭାବରେ  ବ୍ୟବସ୍ଥିତ କରାଯିବ। ଆନୁସଙ୍ଗିକ ଶିକ୍ଷାଗତ ଉପକରଣ (ଉଦା. ପୁସ୍ତକାଗାର) ଏବଂ ବ୍ୟକ୍ତି  (ଉଦା. କଳା ଏବଂ ସଂଗୀତ ଶିକ୍ଷକ), ଏବଂ ଦୃଢ଼ ବୃତ୍ତିଗତ ଶିକ୍ଷା ସମାଜ ସହିତ ଏହା ନିୟନ୍ତ୍ରଣ ମୌଳିକ ଏକକ ହେବ ଯାହା ସମସ୍ତ ସମ୍ବଳର ଉପଲବଧତାକୁ  ନିଶ୍ଚିତ କରିବ।

**ଜ.** ବିଦ୍ୟାଳୟ ପରିଚାଳନା : ନିହିତ ସ୍ୱାର୍ଥକୁ ଦୂର କରିବା ପାଇଁ ଭିନ୍ନ ସଂସ୍ଥା ଦ୍ୱାରା ବିଦ୍ୟାଳୟର ନିୟନ୍ତ୍ରଣ ଓ ପରିଚାଳନା କରାଯିବ। ନୀତି  ନିର୍ଦ୍ଧାରଣ, ନିୟନ୍ତ୍ରଣ, ଶିକ୍ଷା ସମ୍ବନ୍ଧୀୟ ବିଷୟ ପାଇଁ ସ୍ପଷ୍ଟ ଏବଂ ଅଲଗା ବ୍ୟବସ୍ଥା କରାଯିବ।

## II.ଉଚ୍ଚତର ଶିକ୍ଷା

**କ.** ନୂଆ ଆନୁଷ୍ଠାନିକ ଢାଞ୍ଚା : ବୃହତ୍, ସୁସମ୍ବଳ, ଉନ୍ନତ ବହୁବିଷୟୀ ଅନୁଷ୍ଠାନଗୁଡ଼ିକ ସହିତ ଉଚ୍ଚତର ଶିକ୍ଷା ପାଇଁ ଗୋଟିଏ ନୂତନ ଦୃଷ୍ଟି ଓ ଢାଞ୍ଚା ବିଷୟରେ ବିଚାର କରାଯାଇଛି। ବର୍ତ୍ତମାନ ଥିବା ୮୦୦ ବିଶ୍ୱବିଦ୍ୟାଳୟ ଏବଂ ୪୦ ହଜାର ମହାବିଦ୍ୟାଳୟଗୁଡ଼ିକ ପ୍ରାୟ ୧୫ ହଜାର ଉତ୍କୃଷ୍ଟ ସଂସ୍ଥାମାନଙ୍କରେ ପରିଣତ କରାଯିବ।

**ଖ.** ଉଦାର(ଲିବେରାଲ) ଶିକ୍ଷା : ବିଜ୍ଞାନ, କଳା, ମାନବିକୀ, ଗଣିତକୁ ଏକୀକୃତ କରି ଦୃଢ଼ ଅନୁଭୁତି ପାଇଁ ବୃତ୍ତିଗତ କ୍ଷେତ୍ରକୁ ଏକାଠି କରାଯିବ। ଏହାର କଳ୍ପନାତ୍ମକ ଓ ପରିବର୍ତ୍ତନୀୟ ପାଠ୍ୟକ୍ରମ ଅଧ୍ୟୟନ, ଅଧ୍ୟୟନର ସୃଜନାତ୍ମକ ସମ୍ମିଳନ, ବୃତ୍ତିଗତ ଶିକ୍ଷାର ଏକୀକରଣ ଏବଂ ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ରହିବ।

**ଗ.** ଶାସନ : ଅନୁଷ୍ଠାନର ଶାସନ ଶିକ୍ଷାଗତ, ଶାସନଗତ ଓ ଆର୍ଥିକ ସ୍ୱାୟତ୍ତତା ଭିତ୍ତିରେ ହେବ। ପ୍ରତ୍ୟେକ ଉଚ୍ଚତର ଶିକ୍ଷା ଅନୁଷ୍ଠାନ ଗୋଟିଏ ସ୍ୱତନ୍ତ୍ର ବୋର୍ଡ ଦ୍ୱାରା ହେବ।

**ଘ.** ନିୟନ୍ତ୍ରଣ (ବିଦ୍ୟାଳୟର): ଆର୍ଥିକ ସାଧୁତା ଓ ଜନହିତକୁ ନିଶ୍ଚିତ କରିବା ପାଇଁ ନିୟନ୍ତ୍ରଣ "ସରଳ କିନ୍ତୁ ଶକ୍ତ" ହେବ। ନିହିତ ସ୍ୱାର୍ଥକୁ ଦୂର କରିବା ପାଇଁ ମାନକ ନିର୍ଦ୍ଧାରଣ, ଅର୍ଥ ଯୋଗାଣ , ସ୍ୱୀକୃତି ଓ ନିୟନ୍ତ୍ରଣ ସ୍ୱତନ୍ତ୍ର ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେବ।

## III. ଶିକ୍ଷକ ଶିକ୍ଷା

ଶିକ୍ଷକ ପ୍ରସ୍ତୁତି ଶିକ୍ଷା କାର୍ଯ୍ୟକ୍ରମ ସୁଦୃଢ଼ ହେବ ଏବଂ ଏହା ବହୁବିଷୟୀ ଉଚ୍ଚତର ଶିକ୍ଷା ଅନୁଷ୍ଠାନରେ ହେବା ଆବଶ୍ୟକ। ୪ ବର୍ଷ ବ୍ୟାପି ପୂର୍ଣ୍ଣାଙ୍ଗ ସ୍ତର-ନିର୍ଦ୍ଦିଷ୍ଟ, ବିଷୟ-ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକରେ ଶିକ୍ଷାରେ ସ୍ନାତକ ପାଠ୍ୟକ୍ରମ ଦିଆଯିବ ଯାହା ଶିକ୍ଷକ ହେବାର ଏକ ମୁଖ୍ୟ ମାଧ୍ୟମ ହେବ। ନିମ୍ନମାନର ଅକାର୍ଯ୍ୟକ୍ଷମ ଶିକ୍ଷକ ଶିକ୍ଷା ସଂସ୍ଥାଗୁଡ଼ିକ ବନ୍ଦ ହୋଇଯିବ।

## IV. ବୃତ୍ତିମୂଳକ ଶିକ୍ଷା

ସମସ୍ତ ବୃତ୍ତି ମୂଳକଶିକ୍ଷା, ଉଚ୍ଚ ଶିକ୍ଷା ପଦ୍ଧତିର ପୂର୍ଣ୍ଣାଙ୍ଗ ଅଂଶ ହେବ। ସ୍ୱତନ୍ତ୍ର ବୈଷୟିକ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟ, ଆଇନ ବା କୃଷି ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ କ୍ଷେତ୍ରରେଥିବା ଅନୁଷ୍ଠାନଗୁଡ଼ିକ ବନ୍ଦ ହୋଇଯିବ।

## V. ଧନ୍ଦାମୂଳକ ଶିକ୍ଷା

ଏହା ସମସ୍ତ ଶିକ୍ଷାର ଏକ ପୂର୍ଣ୍ଣାଙ୍ଗ ଅଂଶ ହେବ- ୨୦୨୫ ପର୍ଯ୍ୟନ୍ତ ଅତି କମରେ ୫୦ ପ୍ରତିଶତ ଶିକ୍ଷାର୍ଥୀଙ୍କୁ ଅର୍ନ୍ତଭୁକ୍ତ କରେଇବା ଏହି ନୀତିର ଉଦ୍ଦେଶ୍ୟ ।

## VI. ରାଷ୍ଟ୍ରୀୟ ଗବେଷଣା ପ୍ରତିଷ୍ଠାନ

ସାରା ଦେଶରେ ନୂଆ ଆବିଷ୍କାର ଓ ଗବେଷଣାକୁ ବୃଦ୍ଧି କରିବାକୁ ଏକ ନୂତନ ସ୍ୱତନ୍ତ୍ର ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ।

## VII. ଶିକ୍ଷାରେ ବୈଷୟିକ ବିଜ୍ଞାନ

ଶିକ୍ଷାର ପ୍ରତ୍ୟେକ ସ୍ତରରେ ବୈଷୟିକ ବିଜ୍ଞାନର ଯଥାଯଥ ଉପଯୋଗ କରାଇ କ୍ଲାସରୁମ ଧାରାରେ ଉନ୍ନତି ଆଣିବା, ଶିକ୍ଷକଙ୍କ ବୃତ୍ତିଗତ ବିକାଶରେ ସହଯୋଗ କରିବା, ସୁବିଧା ସୁଯୋଗରୁ ବଂଚିତ ଶ୍ରେଣୀଙ୍କ ମଧ୍ୟରେ ଶିକ୍ଷାର ପ୍ରବେଶକୁ ବୃଦ୍ଧି କରି ଶିକ୍ଷାଗତ ଯୋଜନା ପ୍ରଶାସନ ଓ ପରିଚାଳନାକୁ ସୁଚାରୁ ରୂପେ ବାସ୍ତବରୂପ ଦେବା ପାଇଁ ଏହି ଶିକ୍ଷା ନୀତି ଲକ୍ଷ୍ୟ ରଖିଛି।

## VIII. ପ୍ରୌଢ଼ ଶିକ୍ଷା

୨୦୩୦ ସୁଦ୍ଧା ଯୁବକ ଓ ପ୍ରୌଢ ଶିକ୍ଷାକ୍ଷେତ୍ରରେ ଶତକଡ଼ା ୧୦୦ ଭାଗ ସଫଳତା ପାଇବା ପାଇଁ ଶିକ୍ଷା ନୀତି ଲକ୍ଷ୍ୟ ରଖିଛି।

## IX. ଭାରତୀୟ ଭାଷାର ପ୍ରଚାର (ବିକାଶ)

ଏହି ନୀତି ସବୁ ଭାରତୀୟ ଭାଷାମାନଙ୍କର ସୁରକ୍ଷା, ବିକାଶ ଓ ପ୍ରଗତିକୁ ସୁନିଶ୍ଚିତ କରିବ।

## X. ଶିକ୍ଷା ପାଇଁ ଆର୍ଥିକ ବ୍ୟବସ୍ଥା

ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଶକ୍ତ ଓ ସକ୍ଷମ କରିବା ପାଇଁ ଉପଯୁକ୍ତ ସରକାରୀ ପୁଞ୍ଜି ବିନିଯୋଗ କରାଯିବ।

## XI. ଜାତୀୟ ଶିକ୍ଷା ଆୟୋଗ

ଜାତୀୟ ଶିକ୍ଷା ଆୟୋଗ କିମ୍ବା ନେସେନାଲ ଏଜୁକେସନ୍ କମିଶନର ଗଠନ ହେବ। ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଏହି ଆୟୋଗ ପରିଚାଳନା କରାଯିବ-ଏହା ହିଁ ଭାରତରେ ଶିକ୍ଷାର ରୂପାୟନ କରିବ ।

# ସଂକ୍ଷିପ୍ତ ନୀତି ବିବରଣୀ

# ବିଦ୍ୟାଳୟ ଶିକ୍ଷା

## ୧. ପ୍ରାରମ୍ଭିକ ଶୈଶବର ଯତ୍ନ ଓ ଶିକ୍ଷାକୁ ସଶକ୍ତ କରିବା

**ଉଦ୍ଦେଶ୍ୟ:** ୩ ରୁ ୬ ବର୍ଷ ବୟସର ପ୍ରତ୍ୟେକ ଶିଶୁ ୨୦୨୫ ସୁଦ୍ଧା ବିନା ଖର୍ଚ୍ଚରେ ନିରାପଦ, ଉଚ୍ଚମାନର ବିକାଶ ଅଭିମୁଖୀ ଉପଯୁକ୍ତ ଯତ୍ନ ଏବଂ ଶିକ୍ଷା ଲାଭର ଅଧିକାର ଓ ସୁଯୋଗ ପାଇବେ ।

ଏହି ନୀତି ପ୍ରାରମ୍ଭିକ ଶୈଶବ ଶିକ୍ଷାର ଗୁରୁତ୍ୱ ଓ ବ୍ୟକ୍ତିର ସମଗ୍ର ଜୀବନରେ ଏହାର ଉପଲବ୍ଧି ଉପରେ ପ୍ରାଧାନ୍ୟ ଦିଏ ।

**କ)** ପ୍ରାରମ୍ଭିକ **ଶୈଶବ ଶିକ୍ଷା ସୁବିଧାର ମହତ୍ତ୍ୱପୂର୍ଣ୍ଣ ବିସ୍ତାର** ଆଉ ସ୍ଥାନୀୟ ଆବଶ୍ୟକତା, ଭୌଗୋଳିକ ସ୍ଥିତି, ବହୁମୁଖୀ ଦୃଷ୍ଟିକୋଣ ଆଧାରରେ ହେବ ।

**ଖ)** ସାମାଜିକ ଅର୍ଥନୈତିକ ଦିଗରୁ ପଛୁଆ ଜିଲ୍ଲା ବା ଅଞ୍ଚଳଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ, ଗୁଣାତ୍ମକ ଓ ସୁପରିଣାମ ପାଇଁ ଉପଯୁକ୍ତ ନିରୀକ୍ଷଣ ବ୍ୟବସ୍ଥା କରାଯିବ ।

**ଗ)** ପ୍ରାଥମିକ ଶୈଶବ ଶିକ୍ଷା ନିମନ୍ତେ ପାଠ୍ୟକ୍ରମ ଓ ଶିକ୍ଷଣ ଢାଞ୍ଚା ଉଭୟ ଶିକ୍ଷକ ଓ ଅଭିଭାବକ ପାଇଁ ପ୍ରସ୍ତୁତ କରାଯିବ । ଏହି ଶିକ୍ଷଣ ଢାଞ୍ଚାରେ ୦ ରୁ ୩ ବର୍ଷ ବୟସ୍କ ପିଲାଙ୍କ ବୋଧଶକ୍ତି ଉଦ୍ଦୀପନ ପାଇଁ ଓ ୫ ରୁ ୮ ବର୍ଷ ବୟସ ପିଲାଙ୍କ ପାଇଁ ଶୈକ୍ଷିକ ଦିଗଦର୍ଶନ ରହିବ ।

**ଘ)** ପ୍ରାରମ୍ଭିକ ଶୈଶବ ଶିକ୍ଷା ପାଇଁ ଶିକ୍ଷାର୍ଥୀ ଅନୁକୂଳ ବାତାବରଣର ପରିକଳ୍ପନା ଓ ସ୍ତରୀୟ-ପ୍ରଶିକ୍ଷଣ, ଦିଗଦର୍ଶନ, ଓ ନିରନ୍ତର ବୃତ୍ତିଗତ ବିକାଶର ସୁଯୋଗ ମାଧ୍ୟମରେ ଶିକ୍ଷକମାନଙ୍କୁ ବୃତ୍ତିଗତ ଭାବେ ପ୍ରସ୍ତୁତ କରାଯିବ ଏବଂ ବୃତ୍ତିଗତ ଜୀବନର ଆକଳନ (career mapping) ପାଇଁ ବ୍ୟବସ୍ଥା ହେବ ।

**ଙ)** ପ୍ରାଥମିକ ଶୈଶବ ଶିକ୍ଷାର ସମସ୍ତ ବିଭବ **ଶିକ୍ଷା ମନ୍ତ୍ରଣାଳୟ** (ବର୍ତ୍ତମାନର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାମ ପରିବର୍ତ୍ତିତ ହୋଇ)ର ପରିସରଭୁକ୍ତ ହେବ । ପ୍ରାଥମିକ ଶିକ୍ଷାକୁ ସମସ୍ତ ସ୍କୁଲ ଶିକ୍ଷା ସହିତ ସଂଯୁକ୍ତ କରାଯିବ । ଶିକ୍ଷା ମନ୍ତ୍ରଣାଳୟ, ନାରୀ ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ, ଓ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସହଯୋଗରେ ୨୦୧୯ ସୁଦ୍ଧା ଏକ ରୂପାନ୍ତରିତ ଯୋଜନା ପ୍ରସ୍ତୁତ ହେବ।

**ଚ)** ଏକ ଫଳପ୍ରଦ **ଉତ୍କର୍ଷ ନିୟନ୍ତ୍ରଣ କିମ୍ବା ମାନ୍ୟତା ବ୍ୟବସ୍ଥା** ପ୍ରସ୍ତୁତ କରାଯିବ, ଯାହା ବେସରକାରୀ, ସରକାରୀ, ପରୋପକାରୀ ଆଦି ସବୁ ପ୍ରକାର ଶିକ୍ଷା ବ୍ୟବସ୍ଥା ପ୍ରତି ଲାଗୁ ହେବ।

**ଛ)** ଅଭିଭାବକମାନେ ବହୁଳ ଭାବରେ ତଥ୍ୟ ଓ ମତ ସାବ୍ୟସ୍ତ କରିବା ସହ **ହିତାଧିକାରୀଙ୍କ ପାଖରେ ଦାବି** ଜଣାଇବେ ଫଳରେ ସେମାନେ ତାଙ୍କର ପିଲାମାନଙ୍କର ପଠନ ସମ୍ବନ୍ଧୀୟ ଆବଶ୍ୟକତାକୁ ସମର୍ଥନ କରିପାରିବେ।

**ଜ) ଶିକ୍ଷା ଅଧିକାର ଆଇନ ୨୦୦୯କୁ** ବିସ୍ତୃତ କରାଯିବ ଫଳରେ ୩ ରୁ ୬ ବର୍ଷ ବୟସ୍କ ସମସ୍ତ ପିଲା ବିନା ଖର୍ଚ୍ଚରେ ବାଧ୍ୟତାମୂଳକ ଶିକ୍ଷାର ସୁବିଧା ହାସଲ କରିପାରିବେ ।

## ୨. ସମସ୍ତ ପିଲାଙ୍କ ପାଇଁ ମୌଳିକ ସାକ୍ଷରତା ଓ ଅଙ୍କ ସମ୍ବନ୍ଧୀୟ ଜ୍ଞାନ

**ଉଦ୍ଦେଶ୍ୟ:** ୨୦୨୫ ସୁଦ୍ଧା ଗ୍ରେଡ୍ ୫ ରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ଛାତ୍ର ସୁନିଶ୍ଚିତ ଭାବେ ମୌଳିକ ସାକ୍ଷରତା ଓ ଅଙ୍କ ସମ୍ବନ୍ଧୀୟ ଜ୍ଞାନ ଲାଭ କରିବେ ।

ପ୍ରାରମ୍ଭିକ ଭାଷା ଓ ଅଙ୍କ ଶିକ୍ଷାରେ ଦେଖାଦେଉଥିବା ସଙ୍କଟାବସ୍ଥାକୁ ଚିହ୍ନଟ କରିବା ସହ ଏହା ଉପରେ ଏହି ଶିକ୍ଷାନୀତି ପ୍ରାଥମିକତା ଦେବ ।

**କ)** ପୁଷ୍ଟିକର ଖାଦ୍ୟ ଓ ଶିକ୍ଷା ଓତଃପ୍ରୋତ ଭାବେ ଜଡ଼ିତ । **ମଧ୍ୟାହ୍ନ ଭୋଜନ** କାର୍ଯ୍ୟକ୍ରମକୁ **ବିସ୍ତାର କରି** ଉଭୟ ପୁଷ୍ଟିକର ଜଳଖିଆ ଓ ମଧ୍ୟାହ୍ନ ଭୋଜନ ପ୍ରାକ୍-ପ୍ରାଥମିକ ଏବଂ ପ୍ରାଥମିକ ଛାତ୍ରଛାତ୍ରୀମାନଙ୍କୁ ଦିଆଯିବ। ଏହି କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ, ଖାଦ୍ୟ ଖର୍ଚ୍ଚ ଓ ଦରଦାମ୍ ବୃଦ୍ଧି ଆଦି ଉପରେ ଗୁରୁତ୍ୱ ଦିଆଯିବ ଫଳରେ ଖାଦ୍ୟର ଗୁଣବତ୍ତା ସୁନିଶ୍ଚିତ ହେବ ।

**ଖ) ଗ୍ରେଡ୍ ୧ ରୁ ୫ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୌଳିକ ସାକ୍ଷରତା ଓ ଅଙ୍କ ଜ୍ଞାନ ଉପରେ ବିଶେଷ ଧ୍ୟାନ** ଦିଆଯିବ, ଏହା ସହିତ ଅନୁକୂଳ ମୂଲ୍ୟାୟନ ଓ ଗୁଣବତ୍ତା ସାମଗ୍ରୀ ଉପଲବ୍ଧ କରାଇବା ପାଇଁ ଧ୍ୟାନ ଦିଆଯିବ। ଜାତୀୟ ଶିକ୍ଷକ ପୋର୍ଟାଲରେ ଗଣିତ ଏବଂ ଭାଷା ସମ୍ବନ୍ଧୀୟ ସାମଗ୍ରୀ ଉପଲବ୍ଧ ହେବ ।

**ଗ)** ଶିକ୍ଷକଙ୍କ ସହାୟତା ପାଇଁ ବୈଷୟିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ, ଏବଂ ପଠନ ଓ ଯୋଗାଯୋଗର ସଂସ୍କୃତି ସୃଷ୍ଟି ପାଇଁ ସର୍ବସାଧାରଣ ଓ ସ୍କୁଲ ଗ୍ରନ୍ଥାଗାରର ବିସ୍ତାର କରାଯିବ ।

**ଘ)** ପ୍ରଥମ ଗ୍ରେଡ୍‌ର ସମସ୍ତ ଛାତ୍ରଛାତ୍ରୀ ତ୍ରୈମାସିକ **ସ୍କୁଲ ପ୍ରସ୍ତୁତି ମୋଡ୍ୟୁଲ** (school preparation module) ଉପଯୋଗ କରିବେ ।

**ଙ) ଶିକ୍ଷକ ଶିକ୍ଷାକୁ ନୂତନ ପରିକଳ୍ପନା** ଦିଆଯିବ ଯାହା ମୂଳଭୂତ ସାକ୍ଷରତା ଓ ଗାଣିତିକ ଜ୍ଞାନକୁ ସବଳ ଓ ଗୁରୁତ୍ୱପ୍ରଦାନ କରିବ ।

**ଚ)** ଏକ **ଜାତୀୟ ଟ୍ୟୁଟର କାର୍ଯ୍ୟକ୍ରମ** (ପିଅର ଟ୍ୟୁଟର) ଏବଂ ଗୋଷ୍ଠୀରୁ ବଛା ହୋଇଥିବା ଶିକ୍ଷକମାନଙ୍କୁ ନେଇ **ପ୍ରତିକାରମୂଳକ ଶିକ୍ଷା ସହାୟକ କାର୍ଯ୍ୟକ୍ରମ** ଆରମ୍ଭ କରାଯିବ।

**ଛ)** ପ୍ରତ୍ୟେକ ସ୍କୁଲ ପାଇଁ **ଛାତ୍ର ଓ ଶିକ୍ଷକ ଅନୁପାତ** ୩୦:୧ ହେବ ।

**ଜ) ସାମାଜିକ କର୍ମୀ ଏବଂ ପରାମର୍ଶଦାତାମାନଙ୍କ** ସହଯୋଗରେ ନିୟମିତ ଉପସ୍ଥାପନ ଏବଂ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରାଯିବ, **ଅଭିଭାବକମାନଙ୍କର** ଯୋଗଦାନ ଏବଂ **ସ୍ଥାନୀୟ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀଙ୍କର** ଗତିଶୀଳତାରେ ଶିକ୍ଷା ନୀତିର ଉଦ୍ଦେଶ୍ୟ ମୌଳିକ ସାକ୍ଷରତା ଓ ଗାଣିତକ ଜ୍ଞାନ ସବୁ ପିଲାଙ୍କ ପାଇଁ ନିଶ୍ଚିତ କରାଯିବ ।

## ୩. ଶିକ୍ଷାର ସାର୍ବଜନୀନ ପ୍ରବେଶ ଅଧିକାର ଏବଂ ବିଦ୍ୟାଳୟର ସବୁ ସ୍ତରରେ ସେମାନଙ୍କୁ ପାଠ ନଛାଡ଼ିବାକୁ ସୁନିଶ୍ଚିତ କରିବା

**ଉଦ୍ଦେଶ୍ୟ:** ଉଚ୍ଚ ଗୁଣବତ୍ତାର ବିଦ୍ୟାଳୟ ଶିକ୍ଷାରେ ବିନା ମୂଲ୍ୟରେ ୩ ରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କ ବାଧ୍ୟତାମୂଳକ ପ୍ରବେଶ ଅଧିକାର ଓ ଅଂଶଗ୍ରହଣକୁ ୨୦୩୦ ସୁଦ୍ଧା ଅନିବାର୍ଯ୍ୟ କରିବା ।

ବିଦ୍ୟାଳୟରେ ନାମଲେଖାର ପ୍ରଗତିକୁ ଦୃଷ୍ଟିରେ ରଖି ଏହି ନୀତି ବିଦ୍ୟାଳୟରେ ପିଲାମାନଙ୍କ ଯୋଗଦାନକୁ ବଜାୟ ରଖିବାରେ ଆମର ଅସାମର୍ଥ୍ୟତାର ସମସ୍ୟା ଉପରେ ଗୁରୁତ୍ୱାରୋପ କରୁଛି ।

**କ)** ୨୦୩୦ ମସିହା ସୁଦ୍ଧା ବିଭିନ୍ନ ଉପାୟରେ ପ୍ରାକ୍–ବିଦ୍ୟାଳୟରୁ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ **୧୦୦ ପ୍ରତିଶତ ମୋଟ** ନାମଲେଖା ଅନୁପାତ ହାସଲ କରିବାକୁ ହେବ ।

**ଖ)** ବର୍ତ୍ତମାନର ବିଦ୍ୟାଳୟଗୁଡ଼ିକରେ ଅଧିକ ଛାତ୍ରଛାତ୍ରୀ ଗ୍ରହଣ, ଅବହେଳିତ ସ୍ଥାନଗୁଡ଼ିକରେ ନୂତନ ସୁବିଧା, ଗମନାଗମନ ଓ ଛାତ୍ରବାସର **ସୁବିଧା**, ସମସ୍ତ ଛାତ୍ରଛାତ୍ରୀ ବିଶେଷ କରି ଛାତ୍ରୀମାନଙ୍କ ନିରାପତ୍ତା ଆଦିକୁ ଗୁରୁତ୍ୱ ଦେବା ସହ ଏହି ଅସୁବିଧାଗୁଡ଼ିକୁ ପୂରଣ କରାଯିବ ।

**ଗ) ନାମ ଲେଖାଇଥିବା ପିଲାମାନଙ୍କର ଉପସ୍ଥାନ ଓ ଶିକ୍ଷାର** ଫଳାଫଳକୁ ଲକ୍ଷ୍ୟ ରଖି, ଶିକ୍ଷକମାନଙ୍କ ଦ୍ୱାରା ବିଦ୍ୟାଳୟରୁ ଚାଲିଯାଇଥିବା ଓ ବିଦ୍ୟାଳୟରେ ନାମ ଲେଖାଇ ନଥିବା ପିଲାମାନଙ୍କପାଇଁ ଶିକ୍ଷକ, ସାମାଜିକ କର୍ମୀ ଓ ପରାମର୍ଶଦାତାମାନଙ୍କୁ ନେଇ, ଏବଂ ସ୍କୁଲ ଆସୁନଥିବା କିଶୋର କିଶୋରୀମାନଙ୍କ ପାଇଁ ଦୀର୍ଘ-ଅବଧି କାର୍ଯ୍ୟକ୍ରମ ସୁନିଶ୍ଚିତ କରାଯିବ । ଔପଚାରିକ ଓ ଅନୌପଚାରିକ ବ୍ୟବସ୍ଥା ମାଧ୍ୟମରେ ବହୁମୁଖୀ ଶିକ୍ଷଣ ପ୍ରକ୍ରିୟା ମୁକ୍ତ, ଦୂରସ୍ଥ-ଶିକ୍ଷା ଏବଂ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଉପଲବ୍ଧ କରାଯିବ ।

**ଘ)** ଯଦି ସ୍ୱାସ୍ଥ୍ୟଗତ କାରଣରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆସିବାକୁ ସକ୍ଷମ ହୋଇପାରୁ ନାହାଁନ୍ତି ତେବେ ସେମାନେ **ଯେତେ ଶୀଘ୍ର ସମ୍ଭବ ବିଦ୍ୟାଳୟକୁ ଆସିବେ** ସେଥିପାଇଁ ପଦକ୍ଷେପ **ନିଆଯିବ।** ଏଥିପାଇଁ ବିଦ୍ୟାଳୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି କରିବା, ଛାତ୍ରଛାତ୍ରୀ, ପିତାମାତା ସର୍ବୋପରି ସମାଜରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସହିତ ସଂଯୁକ୍ତ କରାଯିବ ।

**ଙ) ଶିକ୍ଷା ଅଧିକାର ଅଧିନିୟମ**ର ଆବଶ୍ୟକତାଗୁଡ଼ିକ ଯେପରି ଶାରୀରିକ ଓ ମାନସିକ ନିରାପତ୍ତା, ପ୍ରବେଶ ଓ ଅନ୍ତର୍ଭୁକ୍ତ, ବିଦ୍ୟାଳୟଗୁଡ଼ିକର ଅଣ-ବ୍ୟବସାୟିକ ପ୍ରକୃତି ଓ ସର୍ବନିମ୍ନ ଶିକ୍ଷଣ ମାନକ ଆଦିରେ **ସର୍ବନିମ୍ନ ପ୍ରତିବନ୍ଧକ** ରହିବ । ଏହା ସ୍ଥାନୀୟ ପରିବର୍ତ୍ତନ ଓ ବିକଳ୍ପ ମଡେଲକୁ ଅନୁମତି ଦେବ ଯାହା ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ସହଜ କରିବ ।

**ଚ)** ପ୍ରାକ୍–ବିଦ୍ୟାଳୟଠାରୁ ଦ୍ୱାଦଶ ଗ୍ରେଡ୍ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ଉପଲବ୍ଧ କରାଇବାକୁ ନିଶ୍ଚିତ କରିବାପାଇଁ **ଶିକ୍ଷା ଅଧିକାର ଅଧିନିୟମକୁ ସମ୍ପ୍ରସାରଣ କରାଯିବ ।**

## ୪. ବିଦ୍ୟାଳୟ ଶିକ୍ଷା ପାଇଁ ନୂତନ ପାଠ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତି ସମ୍ବନ୍ଧିତ ସଂରଚନା

**ଉଦ୍ଦେଶ୍ୟ:** ୨୦୨୨ ସୁଦ୍ଧା ପାଠ୍ୟକ୍ରମ ଓ ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ଢାଞ୍ଚାରେ ପରିବର୍ତ୍ତନ ଅଣାଯିବ ଫଳରେ ଘୋଷାପାଠ ସବୁଠୁ କମ୍ ହେବ, ଏବଂ ଏକବିଂଶ ଶତାବ୍ଦୀର କୌଶଳ ଯେପରିକି ଗୁରୁତ୍ୱପୂର୍ଣ୍ଣ ଚିନ୍ତନ, ସୃଜନଶୀଳତା, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଯୋଗାଯୋଗ, ସହଯୋଗ, ବହୁ ଭାଷିକତା, ସମସ୍ୟା ସମାଧାନ, ନୀତି ସମ୍ବନ୍ଧୀୟ, ସାମାଜିକ ଉତ୍ତରଦାୟିତ୍ୱ ଓ ଡିଜିଟାଲ୍ ସାକ୍ଷରତା ଆଦିକୁ ପ୍ରୋତ୍ସାହନ ଦିଆଯିବ ।

ବିକାଶର ଆବଶ୍ୟକତାକୁ ପୂରଣ କରିବା ସହ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ବିକାଶର ବିଭିନ୍ନ ସ୍ତରରେ ଆଗ୍ରହ ବୃଦ୍ଧିକରିବା ପାଇଁ ସ୍କୁଲ ପାଠ୍ୟକ୍ରମ ଓ ଶୈକ୍ଷଣିକ ଢାଞ୍ଚାକୁ ନୂତନ ରୂପ ଦିଆଯିବ ।

**କ)** ବିଦ୍ୟାଳୟ ଶିକ୍ଷା ପାଇଁ ଏହି ନୂତନ ପାଠ୍ୟକ୍ରମ ଓ ଶୈକ୍ଷଣିକ ଢାଞ୍ଚା ଯୋଜନାର **ରୂପରେଖ ୫+୩+୩+୪** ଅନୁସାରେ ହେବ :

- ପ୍ରାଥମିକ ସ୍ତର (୩ ରୁ ୮ ବର୍ଷ): ମସ୍ତିଷ୍କର ଦ୍ରୁତ ବିକାଶ; ଖେଳ ଏବଂ ସକ୍ରିୟ ଆବିଷ୍କାର ଆଧାରରେ ଶିକ୍ଷା
- ପ୍ରସ୍ତୁତି ସ୍ତର (୮ ରୁ ୧୧ ବର୍ଷ): ଖେଳ ଏବଂ ଆବିଷ୍କାର ଆଧାରରେ ଆଗକୁ ବଢ଼େଇବା; ଏବଂ ସଂଗଠିତ ଶିକ୍ଷାକୁ ଅବସ୍ଥାନ୍ତର ପାଇଁ ଆରମ୍ଭ କରିବା
- ମଧ୍ୟମ ସ୍ତର (୧୧ ରୁ ୧୪ ବର୍ଷ): ବିଷୟ ସମ୍ବନ୍ଧରେ ଶିକ୍ଷା କରିବା; ଶୈଶବରୁ କୈଶୋର ସ୍ତରକୁ ଗତି କରିବା
- ମାଧ୍ୟମିକ ସ୍ତର (୧୪ ରୁ ୧୮ବର୍ଷ): ଜୀବନଯାପନ ଓ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି; ପ୍ରାରମ୍ଭିକ ଯୌବନାବସ୍ଥାକୁ ଗତି କରିବା

**ଖ)** ମାଧ୍ୟମିକ ସ୍ତରରେ ୪ ବର୍ଷର ବହୁବିଧ ବିଷୟ ଆଧାରିତ ଅଧ୍ୟୟନରେ ଛାତ୍ରଛାତ୍ରୀଙ୍କ ପସନ୍ଦ ପାଇଁ ବିଷୟର ଗଭୀରତା, ମହତ୍ତ୍ୱପୂର୍ଣ୍ଣ ଚିନ୍ତନ, ଜୀବନର ଆକାଂକ୍ଷା ଆଦିକୁ ଗୁରୁତ୍ୱ ପ୍ରଦାନ କରାଯିବ ।

**ଗ)** ସମସ୍ତ ଶିକ୍ଷାର୍ଥୀଙ୍କୁ ବିକଶିତ କରିବା ପାଇଁ ସ୍କୁଲ ଶିକ୍ଷାର ପଦ୍ଧତି ଓ ସାମଗ୍ରୀ ପୁଣିଥରେ ପ୍ରସ୍ତୁତ କରାଯିବ। ପ୍ରମୁଖ ଅବଧାରଣା ଓ ଆବଶ୍ୟକୀୟ ବିଚାରକୁ ଦୃଷ୍ଟିରେ ରଖି **ପାଠ୍ୟକ୍ରମର ବୋଝ** କମ୍ କରାଯିବ, ଫଳରେ ଗଭୀର ଓ ଅଧିକ ଅନୁଭୂତି ସମ୍ପନ୍ନ ଶିକ୍ଷା ପାଇଁ ପରିସର ସୃଷ୍ଟି ହେବ ।

**ଘ)** ସମସ୍ତ ଛାତ୍ରଙ୍କ ମଧ୍ୟରେ ଭାଷା ଦକ୍ଷତା, ବୈଜ୍ଞାନିକ ପ୍ରବୃତ୍ତି, କଳା ଓ ସୌନ୍ଦର୍ଯ୍ୟବୋଧ, ସଂଚାର, ନୀତି ସମ୍ବନ୍ଧୀୟ ବିଚାର ବୃଦ୍ଧି, ଡିଜିଟାଲ ସାକ୍ଷରତା, ଭାରତ ବିଷୟରେ ଜ୍ଞାନ ଓ ସ୍ଥାନୀୟ ଅଧିବାସୀ, ଦେଶ, ଓ ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟାର ଜ୍ଞାନ ବିଷୟରେ ଦକ୍ଷତାର ବୃଦ୍ଧି ପାଇଁ ଉତ୍ସାହିତ କରାଯିବ ।

**ଙ)** ଗୋଟିଏ **ପରିବର୍ତ୍ତନୀୟ ପାଠ୍ୟକ୍ରମ**- ପାଠ୍ୟକ୍ରମ, ସହ-ପାଠ୍ୟକ୍ରମ କିମ୍ବା ପାଠ୍ୟକ୍ରମ ବାହାର କ୍ଷେତ୍ର, କଳା ଓ ବିଜ୍ଞାନ, ଏବଂ ବୃତ୍ତିଗତ ଓ ଶିକ୍ଷାଗତ ଶ୍ରେଣୀ ମଧ୍ୟରେ ବିଶେଷ ପୃଥକ୍ୀକରଣ ରହିବ ନାହିଁ, ଫଳରେ ଛାତ୍ରଛାତ୍ରୀମାନଙ୍କ ପାଖରେ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ବିଷୟ ପରିବର୍ତ୍ତନ ଓ ପସନ୍ଦ କରିବାର ସମ୍ଭାବନା ରହିବ।

**ଚ)** ଅତି କମରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ **ସ୍ଥାନୀୟ ଭାଷା/ମାତୃଭାଷାରେ ଶିକ୍ଷାଦାନ** ହେବ, କିନ୍ତୁ ଏହାକୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଗ୍ରାଧିକାର ଦିଆଯିବ ଏବଂ ଯେଉଁଠାରେ ଆବଶ୍ୟକ ହେବ ଗୋଟିଏ ପରିବର୍ତ୍ତନୀୟ (ଦ୍ୱି-ଭାଷୀ) ଭାଷା ବ୍ୟବସ୍ଥା କରାଯିବ।

**ଛ)** ସ୍ଥାନୀୟ ଭାଷାରେ ଉଚ୍ଚମାନର ଯେତେଦୂର ଆବଶ୍ୟକ ଓ ସମ୍ଭବ ପାଠ୍ୟପୁସ୍ତକ ଉପଲବ୍ଧ ହେବ ଏବଂ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠ୍ୟ ସାମଗ୍ରୀର ବିକାଶ କରାଯିବ।

**ଜ)** ସମଗ୍ର ଦେଶରେ **ତ୍ରି-ଭାଷୀ ସୂତ୍ର** କାର୍ଯ୍ୟକାରୀ କରାଯିବ, ଭାଷା ଶିକ୍ଷକଙ୍କୁ ବିକାଶ କରିବା ଓ ନିଯୁକ୍ତି ଦେବା ପାଇଁ ବିଶେଷ ବ୍ୟବସ୍ଥା ରହିବ।

**ଝ)** ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ **ବୃତ୍ତିଗତ ଦକ୍ଷତା** ଓ କୌଶଳ ଉପରେ ଗୋଟିଏ ବର୍ଷ ସର୍ବେକ୍ଷଣ ପାଠ୍ୟକ୍ରମ ଆରମ୍ଭ ହେବ । ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରମାନଙ୍କ ମଧ୍ୟରେ ମିଶ୍ରଣ ଓ ମେଳ ପାଇଁ ବିକଳ୍ପ ରହିବ, ଅଧିକ ପାରମ୍ପରିକ ଶୈକ୍ଷଣିକ ପାଠ୍ୟକ୍ରମ ସହିତ ବୃତ୍ତିଗତ ପାଠ୍ୟକ୍ରମ ଛାତ୍ରମାନଙ୍କ ପାଇଁ ଉପଲବ୍ଧ ହେବ।

**ଞ)** ୨୦୨୦ ଶେଷ ସୁଦ୍ଧା **ଜାତୀୟ ପାଠ୍ୟକ୍ରମ ଫ୍ରେମ୍‌ୱାର୍କ**କୁ ସମୀକ୍ଷା ଏବଂ ସଂଶୋଧନ କରାଯିବ ଓ ସମସ୍ତ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ନୂତନ **ପାଠ୍ୟପୁସ୍ତକ**ର ବିକାଶ କରିବା ସହିତ ଉଚ୍ଚମାନର ଅନୁବାଦ ଉପଲବ୍ଧ କରାଯିବ।

**ଟ) ମୂଲ୍ୟାୟନକୁ** ଛାତ୍ରଛାତ୍ରୀମାନଙ୍କ ବିକାଶରେ ସାହାଯ୍ୟ କରିବା ପାଇଁ ପରିବର୍ତ୍ତନ କରାଯିବ। ସମସ୍ତ ପରୀକ୍ଷା (ବୋର୍ଡ୍ ପରୀକ୍ଷା ସମେତ) ଉଚ୍ଚସ୍ତରର ଆଦେଶ କ୍ଷମତା ସହ ମୁଖ୍ୟ ଅବଧାରଣା ଓ ଦକ୍ଷତାକୁ ପରୀକ୍ଷା କରିବ। ୨୦୨୫ ସୁଦ୍ଧା ମଧ୍ୟ ବିଦ୍ୟାଳୟ ସ୍ତର ଓ ଉପର ଶ୍ରେଣୀଗୁଡ଼ିକର ମୂଲ୍ୟାୟନ ଆବଶ୍ୟକ ଅନୁଯାୟୀ କମ୍ପ୍ୟୁଟର ଜରିଆରେ ହେବ। ୨୦୨୦/୨୦୨୧ ପରଠାରୁ ସ୍ୱୟଂଶାସିତ ଜାତୀୟ ପରୀକ୍ଷଣ ସଂସ୍ଥା ଦକ୍ଷତା ପରୀକ୍ଷା ଓ ବିଭିନ୍ନ ବିଷୟରେ ପରୀକ୍ଷା ପରିଚାଳନ କରିବ ଯାହା ବର୍ଷକ ମଧ୍ୟରେ ଅନେକ ଥର ହେବ।

ଠ) ବିଦ୍ୟାଳୟରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଷୟ-କୈନ୍ଦ୍ରିକ ଓ ପ୍ରକଳ୍ପ–ଆଧାରିତ କ୍ଲବ୍, ଆବାସିକ ଗ୍ରୀଷ୍ମ କାର୍ଯ୍ୟକ୍ରମ, ଅଲମ୍ପିଆଡ୍ ଓ ପ୍ରତିଯୋଗିତା ଆଦି ମାଧ୍ୟମରେ **ଅପୂର୍ବ ମେଧା ଓ ଆଗ୍ରହ**କୁ ଚିହ୍ନଟ କରାଯିବ ଏବଂ ଉତ୍ସାହିତ କରାଯିବ।

## ୫. ଶିକ୍ଷକ- ପରିବର୍ତ୍ତନର ଦିଗଦର୍ଶକ

**ଉଦ୍ଦେଶ୍ୟ:** ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସମସ୍ତ ସ୍ତରର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚାକାଂକ୍ଷାସମ୍ପନ୍ନ ଅନୁପ୍ରାଣିତ, ଉଚ୍ଚ ଯୋଗ୍ୟତା ସମ୍ପନ୍ନ, ବୃତ୍ତିଗତ ଭାବେ ପ୍ରଶିକ୍ଷିତ ବିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷା ଦିଆଯିବାକୁ ସୁନିଶ୍ଚିତ କରିବା।

ଏହି ନୀତି ଶିକ୍ଷକମାନଙ୍କୁ ଆମ ସମାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଭ୍ୟ ଓ ପରିବର୍ତ୍ତନର ଦିଗଦର୍ଶକ ଭାବେ ପରିକଳ୍ପନା କରେ। ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଯେକୌଣସି ଚେଷ୍ଟାର ସଫଳତା ଶିକ୍ଷକଙ୍କର ଗୁଣବତ୍ତା ଉପରେ ନିର୍ଭର କରିଥାଏ।

**କ)** ଅବହେଳିତ, ଗ୍ରାମ୍ୟ, ଜିଲ୍ଲା ଆଦିବାସୀ ଅଞ୍ଚଳରୁ ଛାତ୍ରଛାତ୍ରୀମାନଙ୍କୁ ଚାରି ବର୍ଷିଆ ସମନ୍ୱିତ ବି.ଏଡ୍. କରିବା ପାଇଁ **ମେଧା ଆଧାରିତ ବୃତ୍ତି** ପ୍ରତିଷ୍ଠା କରାଯିବ। କେତେକ କ୍ଷେତ୍ରରେ, ସ୍ଥାନୀୟ ଅଞ୍ଚଳରେ ସେମାନଙ୍କ ଚାକିରିର ସୁନିଶ୍ଚିତ କରାଯିବ। ବିଶେଷ କରି ଛାତ୍ରୀମାନଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।

**ଖ) ଶିକ୍ଷକମାନଙ୍କୁ** ସମସ୍ତ ବିଦ୍ୟାଳୟରେ ବ୍ୟାପକ ଶିକ୍ଷକ ଆବଶ୍ୟକତା ଯୋଜନା ଅନୁଯାୟୀ ମଜବୁତ୍ ପ୍ରକ୍ରିୟାରେ **ଚାକିରି ଦିଆଯିବ**, ଏଥିରେ ବିବିଧତାକୁ ନିଶ୍ଚିତ କରି ସ୍ଥାନୀୟ ଶିକ୍ଷକ ଓ ସ୍ଥାନୀୟ ଭାଷାରେ ଦକ୍ଷ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ପ୍ରଥମ ସୋପାନରେ ଶିକ୍ଷକ ଯୋଗ୍ୟତା ପରୀକ୍ଷାକୁ ପୁନର୍ଗଠନ କରାଯିବ, ଏହା ପରେ ମୌଖିକ ପରୀକ୍ଷା ଓ ଶିକ୍ଷାଦାନ ପ୍ରଦର୍ଶନ ହେବ । ବର୍ତ୍ତମାନ ଯେପରି ଅନେକ ରାଜ୍ୟରେ ସ୍କୁଲ ପରିସରରେ ନିଯୁକ୍ତ କରାଯାଉଛି ସେହିପରି ଶିକ୍ଷକମାନଙ୍କୁ ନିଜ ଜିଲ୍ଲାରେ ଚାକିରି ଦିଆଯିବ, ଓ ସ୍ୱଚ୍ଛ ବୈଷୟିକ-ଆଧାରରେ ନିଶ୍ଚିତ କାର୍ଯ୍ୟକାଳ ଓ ନିୟମ ଅନୁସାରେ ବଦଳି କରାଯିବ। ଗ୍ରାମାଞ୍ଚଳରେ ଶିକ୍ଷାଦାନ ପାଇଁ ସେମାନଙ୍କୁ ପ୍ରୋତ୍ସାହନ ଦିଆଯିବ।

**ଗ) ପାରା-ଶିକ୍ଷକ** (ଯୋଗ୍ୟତାବିହୀନ, ଚୁକ୍ତିଭିତ୍ତିକ ଶିକ୍ଷକ)ମାନଙ୍କ ବ୍ୟବସ୍ଥା ୨୦୨୨ ସୁଦ୍ଧା ସମଗ୍ର ଦେଶରେ **ବନ୍ଦ କରି ଦିଆଯିବ।**

**ଘ) ନିରନ୍ତର ଶିକ୍ଷକ ବୃତ୍ତିଗତ ବିକାଶ** ପରିବର୍ତ୍ତନୀୟ ଓ ମଡ୍ୟୁଲାର ବ୍ୟବସ୍ଥା ଆଧାରରେ ଅବିଚ୍ଛିନ୍ନ ଭାବେ ହେବ । ଏଥିରେ ଶିକ୍ଷକମାନେ କ'ଣ ଓ କିପରି ଶିକ୍ଷା ଲାଭ କରିବେ ସେମାନେ ବାଛିବେ। ନୂଆ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ଧ୍ୟାନ ଦିଆଯିବ ଏବଂ ସେମାନଙ୍କୁ ପରାମର୍ଶ ଦେବାର ପ୍ରକ୍ରିୟା ଗ୍ରହଣ କରାଯିବ। ରାଜ୍ୟଗୁଡ଼ିକ ଚୟନ-ଆଧାରିତ ବୃତ୍ତିଗତ ବିକାଶପାଇଁ ପ୍ରଯୁକ୍ତି ବିଦ୍ୟା ଆଧାରିତ ବ୍ୟବସ୍ଥା ଗ୍ରହଣ କରିବେ ଏବଂ ପ୍ରତ୍ୟେକ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଲକ୍ଷ୍ୟ ରଖିବେ । କୌଣସି କେନ୍ଦ୍ରିକ ପାଠ୍ୟକ୍ରମ ନିର୍ଦ୍ଧାରଣ ହେବ ନାହିଁ, ପୁନଃ–ମଡେଲ୍ ପ୍ରଶିକ୍ଷଣ ହେବ ନାହିଁ, ଓ କୌଣସି କଠୋର ମାନଦଣ୍ଡ ରହିବ ନାହିଁ। ଏହି କାର୍ଯ୍ୟକ୍ରମ ପାଇଁ ସମ୍ବଳ ଯୋଗାଉଥିବା ଲୋକଙ୍କୁ ସାବଧାନତା ସହକାରେ ଚୟନ କରାଯିବ, ଫଳପ୍ରଦ ଭାବେ ପ୍ରଶିକ୍ଷଣ ଦିଆଯିବ ଏବଂ ଏହି ଭୂମିକାର ନିର୍ଦ୍ଦିଷ୍ଟ ଅବଧି ରହିବ।

**ଙ) ଶିକ୍ଷକମାନଙ୍କ କାର୍ଯ୍ୟକ୍ରମକୁ ସୁବିଧା ଦେବା ପାଇଁ** ଯଥେଷ୍ଟ ମୌଳିକ ଆନୁଷଙ୍ଗିକ ବ୍ୟବସ୍ଥା, ଓ ଶିକ୍ଷଣ ସମ୍ବଳ ସହିତ ଆବଶ୍ୟକୀୟ ଛାତ୍ର-ଶିକ୍ଷକ ଅନୁପାତ ରଖାଯିବ। ସମସ୍ତ ସ୍ତରରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିକାରକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ଯେପରିକି ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିପାରିବେ।

**ଚ)** ବିଦ୍ୟାଳୟ କାର୍ଯ୍ୟ ସମୟରେ ଅଣ-ଶୈକ୍ଷିକ କାର୍ଯ୍ୟକ୍ରମ (ଉଦାହରଣସ୍ୱରୂପ ମଧ୍ୟାହ୍ନ ଭୋଜନ ରୋଷେଇ କରିବା, ବିଦ୍ୟାଳୟ ସାମଗ୍ରୀ ଆଣିବା ଇତ୍ୟାଦି) ରେ **ଶିକ୍ଷକମାନଙ୍କୁ ନିୟୋଜିତ ନକରି** ସେମାନେ କିପରି ଶିକ୍ଷାଦାନ କରିବେ ସେଥିପ୍ରତି ନିଶ୍ଚିତ କରାଯିବ। ଅନ୍ୟ ପକ୍ଷରେ ବିନା କାରଣରେ କିମ୍ବା ମଞ୍ଜୁରୀପ୍ରାପ୍ତ ଛୁଟି ବିନା ଅନୁପସ୍ଥିତ ରହିଲେ ଶିକ୍ଷକମାନଙ୍କୁ ଦାୟୀ କରାଯିବ।

**ଛ)** ପ୍ରତ୍ୟେକ **ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ଅଧ୍ୟକ୍ଷ ମଜବୁତ ଆନ୍ତଃବିଦ୍ୟାଳୟ ବିକାଶ ପ୍ରକ୍ରିୟା ଓ ଗୋଟିଏ ସହାୟକ ବିଦ୍ୟାଳୟ ସଂସ୍କୃତି ଗଢ଼ିବା ପାଇଁ ଦାୟୀ ରହିବେ।** ବିଦ୍ୟାଳୟ ପରିଚାଳନା ସମିତି ଏହାର ଯାଞ୍ଚ କରିବ ଏବଂ ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀମାନେ ଏହିପରି ସଂସ୍କୃତିକୁ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରିବେ।

**ଜ)** ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ଅନ୍ତର୍ଭୁକ୍ତ କରିବା ପାଇଁ ଶିକ୍ଷକ ଓ ଶିକ୍ଷକଙ୍କୁ ଶିକ୍ଷା ଦେଉଥିବା ବ୍ୟକ୍ତିଙ୍କୁ ଭାରତୀୟ ଭାଷାରେ **ଉଚ୍ଚମାନର ସାମଗ୍ରୀ** ପ୍ରଦାନ କରାଯିବ।

**ଝ)** ବର୍ତ୍ତମାନ ଥିବା **ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସଶକ୍ତ** କରିବା ପାଇଁ ଗୋଟିଏ ଯତ୍ନଶୀଳ ଯୋଜନା ସହ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ପୁଣି ଉଜ୍ଜୀବିତ କରିବା ପାଇଁ ଅଗ୍ରାଧିକାର ଦିଆଯିବ।

**ଞ)** ସର୍ବନିମ୍ନ ବର୍ଷର ଶିକ୍ଷା ପ୍ରଦାନ ଅଭିଜ୍ଞତା ପରେ **ସମସ୍ତ ଶିକ୍ଷକ ଶିକ୍ଷାଗତ ପ୍ରଶାସନ ବା ଶିକ୍ଷକ ଶିକ୍ଷାକୁ ଯିବା ପାଇଁ** ସମର୍ଥ ହେବେ। ଦୀର୍ଘ ସମୟ ପରେ ସମସ୍ତ ଶିକ୍ଷାଗତ ପ୍ରଶାସନ ପଦଗୁଡ଼ିକ ପ୍ରଶାସନରେ ଆଗ୍ରହୀ ଥିବା ବିଶିଷ୍ଟ ଶିକ୍ଷକମାନଙ୍କ ପାଇଁ ସଂରକ୍ଷିତ ହୋଇ ରହିବ।

## ୬. ଦେଶର ପ୍ରତ୍ୟେକ ଛାତ୍ରପାଇଁ ସମାନ ଏବଂ ନ୍ୟାୟସଙ୍ଗତ ଶିକ୍ଷା

ଏହି ନୀତିର ଉଦ୍ଦେଶ୍ୟ ହେଉଛି ଦେଶରେ ଏଭଳି ଏକ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା ଯେଉଁଠି ପ୍ରତ୍ୟେକ ପିଲାଙ୍କ ନ୍ୟାୟସଙ୍ଗତ ଓ ସମାନ ଶିକ୍ଷା ପାଇ ଲାଭବାନ୍ ହେବେ ଫଳରେ କୌଣସି ପିଲା ଜନ୍ମ କିମ୍ବା ପୃଷ୍ଠଭୂମି ବା ପରିସ୍ଥିତି କାରଣରୁ ଶିକ୍ଷା ଗ୍ରହଣ ଓ ଉନ୍ନତି କରିବାର ସୁଯୋଗରୁ ବଞ୍ଚିତ ହେବେ ନାହିଁ।

---

**ଉଦ୍ଦେଶ୍ୟ:** ଗୋଟିଏ ନ୍ୟାୟସଙ୍ଗତ ଓ ଅନ୍ତର୍ଭୁକ୍ତ ଶିକ୍ଷା ବ୍ୟବସ୍ଥା ହାସଲ କରିବା ଫଳରେ ସମସ୍ତ ପିଲା ଶିକ୍ଷା ପାଇବା ଓ ଉନ୍ନତି କରିବା ପାଇଁ ସମାନ ସୁଯୋଗ ପାଇବେ, ଫଳରେ ୨୦୩୦ ସୁଦ୍ଧା ସମସ୍ତେ ଓ ସମସ୍ତ ସାମାଜିକ ବର୍ଗରେ ଶିକ୍ଷା ଗ୍ରହଣର ଫଳାଫଳ ସମାନ ରହିବ।

---

**କ) ଅବହେଳିତ ଗୋଷ୍ଠୀର** ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାଥମିକ ଶୈଶବ ଶିକ୍ଷା, ମୌଳିକ ସାକ୍ଷରତା ଓ ଗଣିତ ଶିକ୍ଷା, ବିଦ୍ୟାଳୟ ପ୍ରବେଶ, **ନାମଲେଖା ଓ ଉପସ୍ଥାନ ସମ୍ବନ୍ଧୀୟ ନୀତିଗତ** କାର୍ଯ୍ୟାବଳୀରେ **ଉଦ୍ଦେଶ୍ୟଭିତ୍ତିକ ଧ୍ୟାନ** ଦିଆଯିବ।

**ଖ)** ସମଗ୍ର ଦେଶରେ ଅବହେଳିତ ଅଞ୍ଚଳରେ **ବିଶେଷ ଶିକ୍ଷା ଅଞ୍ଚଳ** ସ୍ଥାପିତ ହେବ। ରାଜ୍ୟଗୁଡ଼ିକ ସ୍ୱଷ୍ଟ ସାମାଜିକ ବିକାଶ ଓ ସାମାଜିକ-ଅର୍ଥନୈତିକ ସୂଚନାଙ୍କ ଆଧାରରେ ଏହି ଅଞ୍ଚଳଗୁଡ଼ିକୁ ଘୋଷଣା କରିବେ ଏବଂ ରାଜ୍ୟଗୁଡ଼ିକ କରିଥିବା ଖର୍ଚ୍ଚରେ ୨:୧ ଅନୁପାତରେ କେନ୍ଦ୍ର ଆର୍ଥିକ ସାହାଯ୍ୟ ଦେବ। ଏହି ନୀତିରେ ଅବହେଳିତ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯିବ ଏବଂ କେନ୍ଦ୍ର ଓ ରାଜ୍ୟର ମିଳିତ ସତର୍କ ଦୃଷ୍ଟିରେ ଏହି ଅଞ୍ଚଳରେ କାର୍ଯ୍ୟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ହେବ।

**ଗ)** କେତୋଟି **ମୁଖ୍ୟ ପଦକ୍ଷେପ** ହେଉଛି ଅବିରତ ସମ୍ବେଦନଶୀଳ ଭାବେ **ଶିକ୍ଷକମାନଙ୍କୁ** ସେମାନଙ୍କର କ୍ଷମତା ବିକାଶ କରିବା, ଶୈକ୍ଷିକ ଭାବେ ଅବହେଳିତ ଗୋଷ୍ଠୀରୁ ଶିକ୍ଷକମାନଙ୍କୁ ନିୟୋଜିତ କରିବାର ବିକଳ୍ପ ରାସ୍ତା ସୃଷ୍ଟି କରିବା, ଶୈକ୍ଷିକ ଭାବେ ଅବହେଳିତ ଗୋଷ୍ଠୀରୁ ଅଧିକ ପିଲାଙ୍କୁ ନେଇ **ଛାତ୍ର-ଶିକ୍ଷକ ଅନୁପାତକୁ** ୨୫:୧ରୁ ଅଧିକ ନରଖିବା, **ବିଦ୍ୟାଳୟରେ ସମନ୍ୱିତ ପରିବେଶ ସୃଷ୍ଟି କରିବା** ଯାହା କାହାକୁ ହଇରାଣ କରିବ ନାହିଁ, ପରିହାସ କରିବ ନାହିଁ ଓ ଲିଙ୍ଗ-ଆଧାରିତ ହିଂସା ଓ ବହିଷ୍କାର ଭଳି ଘଟଣା ସୃଷ୍ଟି କରିବ ନାହିଁ। ଏଥିପାଇଁ **ପାଠ୍ୟକ୍ରମକୁ** ଆବଶ୍ୟକୀୟ ସଂଶୋଧନ କରାଯିବ।

**ଘ)** କେନ୍ଦ୍ରୀୟ ଶିକ୍ଷା ପରିସଂଖ୍ୟାନ ବିଭାଗ ଦ୍ୱାରା **ସଂଗ୍ରହ କରାଯାଇଥିବା ତଥ୍ୟର** ବିଶ୍ଳେଷଣ ସାହାଯ୍ୟରେ ଜାତୀୟ ଶିକ୍ଷା ତଥ୍ୟ ସଂଗ୍ରହାଳୟରେ ପ୍ରତ୍ୟେକ ଛାତ୍ରଙ୍କର ଅଦ୍ୟତନ ତଥ୍ୟ ରଖାଯିବ।

**ଙ)** ନୀତିରେ ଗୋଟିଏ **ଜାତୀୟ ଫଣ୍ଡ ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା** ଦେବାର ବ୍ୟବସ୍ଥା ଅଛି। ଏହି ଫଣ୍ଡ ବିଶେଷ ଭାବରେ ଅବହେଳିତ ଗୋଷ୍ଠୀର ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି, ବିକାଶଶୀଳ ସଂସାଧନ ଓ ସୁବିଧା ପ୍ରଦାନ କରିବା ପାଇଁ ଜିଲ୍ଲା ଓ ଅନୁଷ୍ଠାନଗୁଡ଼ିକୁ ସହାୟତା ଦେବ। **ଗବେଷଣା ଓ ସମାବେଶୀ ଶିକ୍ଷା** ବିକଳ୍ପ ସାହାଯ୍ୟରେ ଜାତୀୟ ଟ୍ୟୁଟର କାର୍ଯ୍ୟକ୍ରମ ଓ ପ୍ରତିକାରକ ସାହାଯ୍ୟ ନିର୍ଦ୍ଦେଶ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ସହିତ ଜଳଖିଆ ଏବଂ ବିଶେଷ ପ୍ରଶିକ୍ଷଣ ସୁଯୋଗ ନିମିତ୍ତ ସାହାଯ୍ୟ ମଧ୍ୟ ପ୍ରଦାନ କରାଯିବ।

**ଚ)** ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀମାନଙ୍କ ମଧ୍ୟରେ **ଲିଙ୍ଗଗତ ଅସମାନତା** ଦୂର କରିବା ପାଇଁ ମହିଳାଙ୍କ ଯୋଗଦାନ ଆଉ ଶିକ୍ଷା, **ଆଦିବାସୀ, ଜାତି ଓ ଧାର୍ମିକ ଗୋଷ୍ଠୀର ଶିକ୍ଷା କ୍ଷେତ୍ରରେ ଏହି ସମୁଦାୟର ପିଲାମାନେ** ଯେପରି ନିଶ୍ଚିତ ଓ ନିର୍ଦ୍ଧାରିତ ଶିକ୍ଷା ଲାଭ କରିବେ, **ସହରର ଗରିବ ପରିବାରର** ପିଲାଙ୍କ **ବିଶେଷ ଆବଶ୍ୟକତା** ସହିତ **କିନ୍ନର ଶ୍ରେଣୀର ପିଲାଙ୍କୁ** ପ୍ରତିବେଶୀ

ବିଦ୍ୟାଳୟର ମୁଖ୍ୟ ସ୍ରୋତରେ ସାମିଲ କରିବା, ପ୍ରାରମ୍ଭିକ ଶ୍ରେଣୀରୁ ୧୨ ଶ୍ରେଣୀ ଯାଏ ଶିକ୍ଷା ଉପଲବ୍ଧ କରାଇବା ପାଇଁ ଏହି ନୀତିରେ ବୈଚିତ୍ର୍ୟପୂର୍ଣ୍ଣ ହସ୍ତକ୍ଷେପ ରହିବ।

## ୭. ସ୍କୁଲ୍ କମ୍ପ୍ଲେକ୍ସ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାରେ ଶାସନ

**ଉଦ୍ଦେଶ୍ୟ:** ବିଦ୍ୟାଳୟର ସଂସାଧନକୁ ମିଳିମିଶି ବ୍ୟବହାର କରିବା ନିମିତ୍ତ ସୁବିଧା କରିବା ଆଉ ବିଦ୍ୟାଳୟ ପ୍ରଶାସନକୁ ଅଧିକ ସ୍ଥାନୀୟ, ଫଳପ୍ରଦ ଓ ଦକ୍ଷ କରିବା ପାଇଁ ବିଦ୍ୟାଳୟଗୁଡ଼ିକୁ ସ୍କୁଲ କମ୍ପ୍ଲେକ୍ସରେ ଗୋଷ୍ଠୀଭୁକ୍ତ କରାଯିବ।

ସରକାରୀ ବିଦ୍ୟାଳୟଗୁଡ଼ିକ ବିଶେଷ କରି ଛୋଟ ବିଦ୍ୟାଳୟଗୁଡ଼ିକ ସମ୍ମୁଖୀନ ହେଉଥିବା ସଂସାଧନ ଅଭାବର ନିରାକରଣ ପାଇଁ ସ୍କୁଲ କମ୍ପ୍ଲେକ୍ସ ସାହାଯ୍ୟ କରିବ। ଯେହେତୁ ବିଦ୍ୟାଳୟଗୁଡ଼ିକୁ ସ୍ଥାନାନ୍ତର ନକରି ଏକାଧିକ ସରକାରୀ ବିଦ୍ୟାଳୟଗୁଡ଼ିକୁ ଗୋଟିଏ ସାଙ୍ଗଠାନିକ ଏବଂ ପ୍ରଶାସନିକ ୟୁନିଟ ମଧ୍ୟରେ ଅଣାଯିବ, ଏହା ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ବାଧାଗୁଡ଼ିକ ସହିତ କୌଣସି ପ୍ରକାର ବୁଝାମଣା ନକରି ଗୋଟିଏ ଫଳପ୍ରଦ ଶାସନ ବ୍ୟବସ୍ଥା ସୃଷ୍ଟି କରିବ।

**କ)** ଜନସଂଖ୍ୟା ବଣ୍ଟନ, ଯୋଗାଯୋଗ ଏବଂ ଅନ୍ୟ ସ୍ଥାନୀୟ ବିଚାର ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକ ୨୦୨୩ ମସିହା ସୁଦ୍ଧା **ବିଦ୍ୟାଳୟଗୁଡ଼ିକୁ କମ୍ପ୍ଲେକ୍ସଗୁଡ଼ିକରେ ଗୋଷ୍ଠୀଭୁକ୍ତ** କରିବେ। ଗୋଷ୍ଠୀଭୁକ୍ତ କରିବା କାର୍ଯ୍ୟରେ ମଧ୍ୟ ସମୀକ୍ଷା ଓ କମ୍ ଛାତ୍ରଛାତ୍ରୀ (୨୦ରୁ କମ୍) ଥିବା ବିଦ୍ୟାଳୟଗୁଡ଼ିକୁ ଅର୍ନ୍ତଭୁକ୍ତ କରାଯିବ। ଏହା ସହିତ ଗମନାଗମନ ବ୍ୟବସ୍ଥା ଯୋଗୁଁ ପ୍ରବେଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ନାହିଁ। ବର୍ତ୍ତମାନର ବିଦ୍ୟାଳୟଗୁଡ଼ିକର ଅବସ୍ଥା ଆକଳନ କରିବାକୁ ରାଜ୍ୟଗୁଡ଼ିକ ପାଇଁ ଏହା ଏକ ସୁଯୋଗ ହେବ।

**ଖ)** ସ୍କୁଲ କମ୍ପ୍ଲେକ୍ସଗୁଡ଼ିକ ଛୋଟ ଛୋଟ ବିଦ୍ୟାଳୟଗୁଡ଼ିକରେ ପରିଣତ ହେବେ, ଏବଂ **ଶିକ୍ଷକ ଓ ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକମାନଙ୍କର ଏକ ଗୋଷ୍ଠୀ ସୃଷ୍ଟି କରିବ**, ଯେଉଁମାନେ ଏକାଠି କାମ କରିବେ ଓ ପରସ୍ପରକୁ ଶିକ୍ଷାଗତ ଓ ଶାସନଗତ ଭାବେ ସମର୍ଥନ କରିବେ। ସ୍କୁଲ କମ୍ପ୍ଲେକ୍ସ ସରକାରୀ ବିଦ୍ୟାଳୟ ବ୍ୟବସ୍ଥାର ପ୍ରାଥମିକ ଶାସନଗତ ୟୁନିଟ ହେବ।

**ଗ)** ଗୋଟିଏ ପ୍ରାଥମିକ ପର୍ଯ୍ୟାୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦେଉଥିବା ୧୦ ରୁ ୨୦ଟି ସରକାରୀ ବିଦ୍ୟାଳୟଗୁଡ଼ିକରେ ସଂଯୁକ୍ତ ଅବିଚ୍ଛିନ୍ନ ଭୌଗୋଳିକ ଅଞ୍ଚଳରେ ଗୋଟିଏ ସ୍କୁଲ କମ୍ପ୍ଲେକ୍ସ ଗଠିତ ହେବ। ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍କୁଲ କମ୍ପ୍ଲେକ୍ସର ମୁଖ୍ୟ ହେବେ।

**ଘ)** ପ୍ରତ୍ୟେକ ସ୍କୁଲ କମ୍ପ୍ଲେକ୍ସ **ଅର୍ଦ୍ଧ ସ୍ୱୟଂ-ଶାସିତ ୟୁନିଟ** ହେବ, ଯାହା ପ୍ରାଥମିକ ପର୍ଯ୍ୟାୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରିବ। ମୌଳିକ, ପ୍ରାଥମିକ ଓ ମଧ୍ୟମ ସ୍ତରର ବିଦ୍ୟାଳୟ ଶିକ୍ଷା ଦେଉଥିବା ବିଦ୍ୟାଳୟ, ଏବଂ ନିକଟରେ ଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ ସମେତ ଗୋଟିଏ ମାଧ୍ୟମିକ ବିଦ୍ୟାଳୟ (୯ରୁ ୧୨ ଶ୍ରେଣୀ) କୁ ନେଇ ଏହା ଗଠିତ ହେବ।

**ଙ)** ବିଦ୍ୟାଳୟଗୁଡ଼ିକୁ ସ୍କୁଲ କମ୍ପ୍ଲେକ୍ସରେ **ଗୋଷ୍ଠୀଭୁକ୍ତ କରିବା ଦ୍ୱାରା ବିଦ୍ୟାଳୟଗୁଡ଼ିକ** ବିଭିନ୍ନ ବିଷୟର ଶିକ୍ଷକ, କ୍ରୀଡ଼ା, ସଂଗୀତ ଓ କଳା ଶିକ୍ଷକ, ପରାମର୍ଶଦାତା ଓ ସାମାଜିକ କର୍ମୀ ଆଦିଙ୍କଠାରୁ ଲାଭବାନ ହେବେ। ପରୀକ୍ଷାଗାର, ଗ୍ରନ୍ଥାଗାର, ଆଇସିଟି ଉପକରଣ, ସଂଗୀତ ଉପକରଣ, କ୍ରୀଡ଼ା ଉପକରଣ, କ୍ରୀଡ଼ା କ୍ଷେତ୍ର ଇତ୍ୟାଦିକୁ ଏକାଠି ବ୍ୟବହାର କରିପାରିବେ ଯାହାଦ୍ୱାରା ସହଜରେ ସରକାରୀ ସମ୍ବଳର ସର୍ବୋତ୍ତମ ବ୍ୟବହାର ହୋଇପାରିବ।

**ଚ) ଶିକ୍ଷା ବ୍ୟବସ୍ଥାର ଗୋଟିଏ ସୁସଂହତ ସମଷ୍ଟି** ସୃଷ୍ଟି କରିବା ଏବଂ ଏଥିରେ ସୁସଂଯୁକ୍ତ ଭୌଗୋଳିକ ଅଞ୍ଚଳ ମଧ୍ୟରେ ଥିବା ପ୍ରଥମ ତିନି ବର୍ଷର ମୌଳିକ ଶିକ୍ଷା ଦେଉଥିବା ବିଦ୍ୟାଳୟ, ବୃତ୍ତିଗତ ଓ ପ୍ରୌଢ଼ ଶିକ୍ଷା ଦେଉଥିବା ଅନୁଷ୍ଠାନ, ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଓ ବିଶେଷ ଆବଶ୍ୟକତା ରଖୁଥିବା ପିଲାମାନଙ୍କୁ ଶିକ୍ଷା ଦେଉଥିବା ଅନୁଷ୍ଠାନକୁ ଅର୍ନ୍ତଭୁକ୍ତ କରିବା ହେଉଛି ଏହାର ଲକ୍ଷ୍ୟ। ଏହି ଶିକ୍ଷା ଅନୁଷ୍ଠାନଗୁଡ଼ିକ ପରସ୍ପରକୁ ସାହାଯ୍ୟ କରିବେ। ଜିଲ୍ଲାରେ ଥିବା ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମଧ୍ୟ ସାହାଯ୍ୟ କରିବେ (ଉଦାହରଣ ସ୍ୱରୂପ ଶିକ୍ଷକଙ୍କର ବୃତ୍ତିଗତ ବିକାଶରେ ସାହାଯ୍ୟ)।

**ଛ)** ପ୍ରତ୍ୟେକ ସ୍କୁଲ କମ୍ପ୍ଲେକ୍ସ ପାଇଁ ଗୋଟିଏ ବ୍ୟାପକ ଶିକ୍ଷକ ବିକାଶ ଯୋଜନା ପ୍ରସ୍ତୁତ ହେବ ଏବଂ ସାପ୍ତାହିକ ବୈଠକ, ଶିକ୍ଷା କେନ୍ଦ୍ର ଆଦି ପ୍ରକ୍ରିୟାରେ ସଚେତନ ଭାବରେ ବୃତ୍ତିଗତ ବିକାଶ କରାଯିବ। ଏହା ସାଙ୍ଗକୁ ଆଲୋଚନା ଚକ୍ର, ଶ୍ରେଣୀ କକ୍ଷର ଉପରେ ନଜର ରଖିବା, ବାହ୍ୟ ପରିଦର୍ଶନ ଆଦି ଅନ୍ୟ ପ୍ରକାର ନିରନ୍ତର ବୃତ୍ତିଗତ ବିକାଶ କରାଯିବ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥା ଏବଂ ବ୍ଲକ୍ ଓ ଗୋଷ୍ଠୀ ସମ୍ବଳ କେନ୍ଦ୍ର ସମେତ ଶିକ୍ଷାଗତ ଓ ଶିକ୍ଷା ସାହାଯ୍ୟ ବ୍ୟବସ୍ଥା ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବ।

**ଜ)** ପ୍ରତ୍ୟେକ ସ୍କୁଲ କମ୍ପ୍ଲେକ୍ସ ଗୋଟିଏ **ସ୍କୁଲ କମ୍ପ୍ଲେକ୍ସ ପରିଚାଳନା ସମିତି** ରହିବ। ଏହି ସମିତିରେ କମ୍ପ୍ଲେକ୍ସରେ ଥିବା ସମସ୍ତ ବିଦ୍ୟାଳୟ ଓ କମ୍ପ୍ଲେକ୍ସ ସହ ସଂଯୁକ୍ତ ହୋଇଥିବା ଅନ୍ୟ ପ୍ରତିଷ୍ଠାନର ପ୍ରତିନିଧି ସଦସ୍ୟ ରହିବେ। ଏଥିରେ ମଧ୍ୟ ପ୍ରୌଢ଼ ଶିକ୍ଷାକେନ୍ଦ୍ର ଓ ଗୋଷ୍ଠୀ ସମ୍ବଳ କେନ୍ଦ୍ର ଓ ଅନ୍ୟ ସଂସ୍ଥାର ପ୍ରତିନିଧି ରହିବେ। ରାଜ୍ୟ ଓ ଏହାର ସଂସ୍ଥାଗୁଡ଼ିକ ସହ ସ୍କୁଲ ତରଫରୁ କଥାବାର୍ତ୍ତା କରିବା ପାଇଁ ସମିତି ପାଖରେ କ୍ଷମତା ରହିବ। ଏହା ମଧ୍ୟ ଶିକ୍ଷକମାନଙ୍କର ପ୍ରଦର୍ଶନ ପରିଚଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିବ।

**ଝ)** ପ୍ରତ୍ୟେକ ବିଦ୍ୟାଳୟ ନିଜର ଯୋଜନା ପ୍ରସ୍ତୁତ କରିବ, ଯାହା **ସ୍କୁଲ କମ୍ପ୍ଲେକ୍ସର ଯୋଜନା** ପ୍ରସ୍ତୁତିରେ ବ୍ୟବହାର ହେବ, ଏହାକୁ ବିଦ୍ୟାଳୟର ଶିକ୍ଷା ବିଭାଗ ସ୍ୱୀକୃତି ଦେବ। ପ୍ରତ୍ୟେକ **ଜିଲ୍ଲାରେ ମଧ୍ୟ ଗୋଟିଏ ଜିଲ୍ଲା ଶିକ୍ଷା ପରିଷଦ** ରହିବ ଯାହା ବିଦ୍ୟାଳୟ ବ୍ୟବସ୍ଥାର ତୃଟିବିଚ୍ୟୁତିକୁ ଦେଖିବ ଏବଂ ସେଗୁଡ଼ିକର କାର୍ଯ୍ୟ ଓ ସଶକ୍ତିକରଣକୁ ସକ୍ଷମ କରିବ।

## ୮. ବିଦ୍ୟାଳୟ ଶିକ୍ଷାରେ ନିୟନ୍ତ୍ରଣ ବ୍ୟବସ୍ଥା

**ଉଦ୍ଦେଶ୍ୟ:** ଭାରତର ବିଦ୍ୟାଳୟ ଶିକ୍ଷା ପଦ୍ଧତି ଫଳପ୍ରଦ ନିୟମ ଓ ମାନ୍ୟତା ମାଧ୍ୟମରେ କାର୍ଯ୍ୟ କରିଥାଏ, ଯାହା ସଂହତି ଓ ସ୍ୱଚ୍ଛତାକୁ ନିଶ୍ଚିତ କରିବା ସହ ନିରନ୍ତରଭାବେ ଶିକ୍ଷାଗତ ଫଳାଫଳରେ ଦ୍ରୁତ ଉନ୍ନତି ପାଇଁ ଗୁଣାତ୍ମକ ମାନ ଓ ନୂତନତା ଆଣିବା।

ଭାରତର ବିଦ୍ୟାଳୟ ଶିକ୍ଷା ପଦ୍ଧତି ଏବଂ ସମସ୍ତ ଶିକ୍ଷାଗତ ଉନ୍ନତିରେ ଏହା ନିଶ୍ଚିତ ଭାବରେ ଏକ ଇଂଜିନ ସଦୃଶ ହେବ।

**କ)** ବିଦ୍ୟାଳୟଗୁଡ଼ିକରେ ନିୟନ୍ତ୍ରଣ ଓ ପରିଚାଳନା (ଦାୟିତ୍ୱ ଅନୁସାରେ) ଅଲଗା ଅଲଗା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହେବ ଯାହା ନିହିତ ସ୍ୱାର୍ଥକୁ ଦୂର କରିବ। **ନୀତି ନିର୍ଦ୍ଧାରଣ, ପ୍ରଣୟନ, ପରିଚାଳନା ଓ ଶୈକ୍ଷିକ ପ୍ରସଙ୍ଗ ପାଇଁ ସ୍ୱଷ୍ଟ ଓ ଅଲଗା ବ୍ୟବସ୍ଥା ରହିବ।**

**ଖ)** ଅର୍ଦ୍ଧ-ନ୍ୟାୟିକ ମର୍ଯ୍ୟାଦା ସହ ପ୍ରତ୍ୟେକ ରାଜ୍ୟ ପାଇଁ ଗୋଟିଏ ସ୍ୱାଧୀନ **ରାଜ୍ୟ ନିୟାମକ ପ୍ରାଧିକରଣ** କର୍ତ୍ତୃପକ୍ଷ ପ୍ରତିଷ୍ଠା କରାଯିବ। ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ପରିଚାଳିତ ହେବ।

**ଗ)** ବିଦ୍ୟାଳୟର **ଗୁଣାତ୍ମକ ମାନ ଓ ଆକ୍ରେଡ଼ିଟେସନ୍ ଫ୍ରେମୱାର୍କ** ଦ୍ୱାରା ସୂଚନା ଅନୁଯାୟୀ ବିଦ୍ୟାଳୟ ନିୟନ୍ତ୍ରଣ ବ୍ୟବସ୍ଥା ରହିବ। ଏହି ଫ୍ରେମୱାର୍କ କେବଳ ମୌଳିକ ନୀତିଗୁଡ଼ିକୁ ବିଚାର କରିବ ଏବଂ ବଦଳରେ ବିଦ୍ୟାଳୟ ଆରମ୍ଭ କରିବା ପାଇଁ ଅନୁମୋଦନ କରିବ। ସ୍ୱୟଂ-ସ୍ୱୀକୃତ ବିଦ୍ୟାଳୟ କ୍ଷେତ୍ରରେ ସମୀକ୍ଷା କରିବା ପାଇଁ ବ୍ୟବସ୍ଥା କରାଯିବ। ଏହି ପ୍ରକ୍ରିୟା ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟ ପ୍ରତି ଲାଗୁ ହେବ।

**ଘ)** ନିୟମ ପ୍ରବର୍ତ୍ତନ ବର୍ତ୍ତମାନର ନିରୀକ୍ଷକ ଆଧାରିତ ଶୈଳୀରେ ହେବ ନାହିଁ, ବରଂ **ଅଭିଭାବକମାନେ** ବିଦ୍ୟାଳୟର ସମସ୍ତ **ପ୍ରାସଙ୍ଗିକ ତଥ୍ୟ** ସର୍ବସାଧାରଣରେ ଉପଲବ୍ଧ ହେବା ଯୋଗୁଁ ସେମାନେ ବାସ୍ତବରେ ନିୟାମକ ହେବେ।

**ଙ)** ରାଜ୍ୟରେ ମାନକ ନିର୍ଦ୍ଧାରଣ ଓ ପାଠ୍ୟକ୍ରମ ସମେତ ପାଠପଢ଼ା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ କରିବ। ସ୍କୁଲ ପରିତ୍ୟାଗ କରିବା ସମୟରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ପ୍ରମାଣ ପତ୍ରକୁ ରାଜ୍ୟର ପ୍ରମାଣ ପତ୍ର/ପରୀକ୍ଷା ପରିଷଦ ବୁଝିବ, ଏଥିପାଇଁ ସଫଳ ପରୀକ୍ଷା ଆୟୋଜନ କରିବ, କିନ୍ତୁ ପାଠ୍ୟକ୍ରମ ପ୍ରସ୍ତୁତିରେ (ପାଠ୍ୟପୁସ୍ତକ ସମେତ) ସେମାନଙ୍କର କୌଣସି ଭୂମିକା ରହିବ ନାହିଁ।

**ଚ) ଜନକଲ୍ୟାଣକାରୀ ବେସରକାରୀ ବିଦ୍ୟାଳୟଗୁଡ଼ିକୁ** ଉତ୍ସାହିତ କରାଯିବ ଓ ଅତି ନିୟନ୍ତ୍ରଣରୁ ମୁକ୍ତ କରାଯିବ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ବନ୍ଦ କରାଯିବ।

**ଛ) ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ସମାନ** ମାନଦଣ୍ଡ ଓ ପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ ହେବ ଏବଂ ନିଶ୍ଚିତ କରିବାକୁ ହେବ ଯେମିତି ଜନହିତୈଷୀ ବେସରକାରୀ ବିଦ୍ୟାଳୟଗୁଡ଼ିକ ଜନହିତୈଷୀ ପଦକ୍ଷେପଗୁଡ଼ିକ ଦ୍ୱାରା ଉତ୍ସାହିତ ହେବେ।

**ଜ)** ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପ୍ରତି ରାଜ୍ୟ ପାଇଁ ଗୋଟିଏ ଗୁଣାତ୍ମକମାନ ଆକଳନ ଓ ସ୍ୱୀକୃତି ଫ୍ରେମୱାର୍କ ଗଠନ କରିବ। ଅନ୍ୟ ବିଦ୍ୟାଳୟ ନିୟାମକ ପ୍ରାଧିକରଣ ସ୍ୱୀକୃତି ପଦ୍ଧତି ଆଧାରରେ ବିଦ୍ୟାଳୟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଏହାକୁ ବ୍ୟବହାର କରାଯିବ।

**ଓ)** ବିଦ୍ୟାଳୟ ଓ ବିଦ୍ୟାଳୟ ବ୍ୟବସ୍ଥାର ପାଠ୍ୟକ୍ରମ ଚୟନ ପାଇଁ ବିକଳ୍ପ ବ୍ୟବସ୍ଥା ରହିବ, ଯାହା ଜାତୀୟ/ରାଜ୍ୟ ପାଠ୍ୟକ୍ରମ ଫ୍ରେମୱାର୍କ ଅନୁଯାୟୀ ହେବ ।

**ଞ)** ସମସ୍ତ ସଂସ୍ଥା ଓ ଅନୁଷ୍ଠାନ ବାର୍ଷିକ ଓ ମଧ୍ୟକାଳୀନ (୩ ରୁ ୫ ବର୍ଷ) ଯୋଜନା ପ୍ରସ୍ତୁତ କରିବେ। ଏକ ଶୃଙ୍ଖଳିତ ସମୀକ୍ଷା ବ୍ୟବସ୍ଥା ସର୍ବୋଚ୍ଚ ନିୟନ୍ତ୍ରଣ ସଂସ୍ଥା ଅଧୀନରେ ରହିବ ।

**ଟ) ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ** ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ସ୍ତରରେ ନମୁନାଭିତ୍ତିକ ଜାତୀୟ ସଫଳତା ସର୍ବେକ୍ଷଣ କରାଯିବ। ରାଜ୍ୟଗୁଡ଼ିକ ମଧ୍ୟ ଜନଗଣନା ଆଧାରିତ ଆକଳନ ସର୍ବେକ୍ଷଣ କରିପାରିବେ ।

**ଠ)** ଯେହେତୁ **ଶିକ୍ଷା ଅଧିକାର ଅଧିନିୟମ** ବିଦ୍ୟାଳୟ ନିୟନ୍ତ୍ରଣ ଓ ପରିଚାଳନା ହେଉଛି ବୈଧାନିକ ଆବଶ୍ୟକତା, ଏହି ନୀତିକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଏହାର **ସମୀକ୍ଷା** କରାଯିବ ଓ ଆବଶ୍ୟକ କ୍ଷେତ୍ରରେ ପରିବର୍ତ୍ତନ କରାଯାଇ ପ୍ରବର୍ତ୍ତନ ପରେ **ଶିକ୍ଷଣ ଆଧାରରେ ଏହାର ଉନ୍ନତି** କରାଯିବ।

# ଉଚ୍ଚତର ଶିକ୍ଷା

## ୧. ନୂତନ ଆନୁଷ୍ଠାନିକ ଢାଞ୍ଚା

**ଉଦ୍ଦେଶ୍ୟ:** ଉଚ୍ଚତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଭାବେ ବିକଶିତ କରିବା,ସାରା ଦେଶରେ ବିଶ୍ଵର ସର୍ବୋତ୍ତମ ସଂସ୍ଥା ତିଆରି କରିବା- ୨୦୩୫ ସୁଦ୍ଧା ନାମଲେଖା ଅନୁପାତକୁ ୫୦%ରେ ବୃଦ୍ଧି କରିବା।

ବୃହତ, ଉତ୍ତମ ସମ୍ବଳସମ୍ପନ୍ନ, ଉତ୍ସାହଭରା ବହୁବିଷୟୀ ସଂସ୍ଥାଗୁଡ଼ିକ ସହିତ  ଉଚ୍ଚତର ଶିକ୍ଷା ପାଇଁ ଏକ ନୂତନ ପରିକଳ୍ପନା ଓ ଢାଞ୍ଚା ବିଷୟରେ ବିଚାର କରାଯାଇଛି। ବର୍ତ୍ତମାନର ୮୦୦ ବିଶ୍ଵବିଦ୍ୟାଳୟ ଏବଂ ୪୦୦୦୦ ମହାବିଦ୍ୟାଳୟକୁ ଏକାଠି କରି ୧୫୦୦୦ ସର୍ବୋତ୍କୃଷ୍ଟ ସଂସ୍ଥା କରାଯିବ।

**କ.** ଉଚ୍ଚତର ଶିକ୍ଷାର ଏହି ନୂତନ ଢାଞ୍ଚା ଶିକ୍ଷାଦାନ ଏବଂ ଗବେଷଣା ପାଇଁ **ବୃହତ, ଉତ୍ତମ ସମ୍ବଳସମ୍ପନ୍ନ, ଉତ୍ସାହଭରା ସ୍ଵୟଂଶାସିତ ବହୁବିଷୟୀ** ସଂସ୍ଥାଗୁଡ଼ିକ ସୃଷ୍ଟି କରିବ, ମହତ୍ତ୍ଵପୂର୍ଣ୍ଣଭାବରେ ଦକ୍ଷତାର ବିକାଶ କରିବା ସହିତ ସଶକ୍ତ ଶୈକ୍ଷିକ ଗୋଷ୍ଠୀ ତିଆରି କରିବ। ସମସ୍ତ ଉଚ୍ଚତର ଶିକ୍ଷାସଂସ୍ଥାଗୁଡ଼ିକ ସବୁ ବିଷୟ ଓ କ୍ଷେତ୍ରରେ ବହୁବିଷୟୀ ସଂସ୍ଥାଗୁଡ଼ିକରେ ପରିଣତ ହେବ।

**ଖ.** ଗୁରୁତ୍ଵପୂର୍ଣ୍ଣ ଉଦ୍ଦେଶ୍ୟକୁ କେନ୍ଦ୍ରକରି **ତିନି ପ୍ରକାରର ଉଚ୍ଚଗୁଣବତ୍ତାର ସଂସ୍ଥା** ରହିବ:

- ପ୍ରକାର ୧ - ସବୁ ବିଷୟରେ ସର୍ବୋତ୍ତମ ଗବେଷଣା ଏବଂ ଉଚ୍ଚଗୁଣବତ୍ତାର ଶିକ୍ଷାଦାନ ଉପରେ ଗୁରୁତ୍ଵ
- ପ୍ରକାର ୨ - ସବୁ ବିଷୟରେ ଉଚ୍ଚ ଗୁଣବତ୍ତାର ଶିକ୍ଷାଦାନ ସହିତ ଗବେଷଣାରେ ଅବଦାନ ଉପରେ ଗୁରୁତ୍ଵ
- ପ୍ରକାର ୩- ସବୁ ବିଷୟରେ ଉଚ୍ଚ ଗୁଣବତ୍ତାର ଶିକ୍ଷାଦାନ ଉପରେ ଦୃଷ୍ଟି ଦେଇ ସ୍ନାତକ ଶିକ୍ଷା ଉପରେ ଗୁରୁତ୍ଵ

**ଗ.** ବର୍ତ୍ତମାନର ସଂସ୍ଥା ଗୁଡ଼ିକୁ ଏକାଠି କରି ଏବଂ ନୂତନ ସଂସ୍ଥା ତିଆରି,ଏହି ପୁନର୍ଗଠନ ସୁଚିନ୍ତିତ ଓ ସୁଚାରୁ ରୂପେ ସୁବ୍ୟବସ୍ଥାରେକରାଯିବ। **ମିଶନ ନାଳନ୍ଦା ଏବଂ ମିଶନ ତକ୍ଷଶିଳା** ଏହି ନୂତନ ଆନୁଷ୍ଠାନିକ ଢାଞ୍ଚାକୁ ବାସ୍ତବରୂପ ଦେବା ପାଇଁ ଆରମ୍ଭ କରାଯିବ।ଏଇ ମିଶନଗୁଡ଼ିକର ଅଂଶଭାବେ  କେତେଗୁଡ଼ିଏ ଆଦର୍ଶ ସଂସ୍ଥା, ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଲିବେରାଲ୍ ଆର୍ଟ୍ସ/ବହୁବିଷୟୀ ଶିକ୍ଷା ଓ ଗବେଷଣା ବିଶ୍ଵବିଦ୍ୟାଳୟ ପ୍ରତିଷ୍ଠା କରାଯାଇପାରେ।

**ଘ.** ସବୁ ସଂସ୍ଥାଗୁଡ଼ିକ ହେବେ **ବିଶ୍ଵବିଦ୍ୟାଳୟ ବା ଡିଗ୍ରୀ ପ୍ରଦାନ କରୁଥିବା ସ୍ଵୟଂଶାସିତ ମହାବିଦ୍ୟାଳୟ।**

**ଙ. ସାର୍ବଜନିକ ଉଚ୍ଚତର ଶିକ୍ଷାକୁ** ଏକ ନିରପେକ୍ଷ ଓ ସ୍ୱଚ୍ଛ ବ୍ୟବସ୍ଥା ମାଧ୍ୟମରେ ବୃଦ୍ଧି କରିବାକୁ ଓ ସମୃଦ୍ଧ କରିବାକୁ ଉପଯୁକ୍ତ ସରକାରୀ ଅର୍ଥ **ନିବେଶ କରାଯିବ।**

**ଚ.** ଅଣ-ଉପକୃତ **ଅଞ୍ଚଳରେ ଉଚ୍ଚ ଗୁଣବତ୍ତାର** ସଂସ୍ଥାଗୁଡ଼ିକର ବିକାଶ କରିବାକୁ ପ୍ରାଧାନ୍ୟ ଦିଆଯିବ।

**ଛ.** ଏହି ନୂତନ ଆନୁଷ୍ଠାନିକ ଢାଞ୍ଚା ବୃତ୍ତିଗତ କ୍ଷେତ୍ର ସହିତ ସବୁ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବ।

## ୨. ଉଚ୍ଚ ଗୁଣବତ୍ତାର ଲିବେରାଲ ଶିକ୍ଷା

**ଉଦ୍ଦେଶ୍ୟ:** ଚୟନିତ ବିଷୟ ଓ କ୍ଷେତ୍ରରେ ସ୍ପେସିଏଲାଇଜେସନ ସହ ସବୁ ଛାତ୍ରଛାତ୍ରୀଙ୍କର ସର୍ବୋନ୍ମୁଖୀ ବିକାଶର ମୂଳଭିତ୍ତି ପାଇଁଏକ ଅଧିକ ସୃଜନାତ୍ମକ ଓ ବିସ୍ତୃତ ଲିବେରାଲ ଶିକ୍ଷାଆଡ଼କୁ ଅଗ୍ରସର ହେବା।

ସୃଜନାତ୍ମକ ଓ ପରିବର୍ତ୍ତନୀୟ ପାଠ୍ୟକ୍ରମର ଗଠନ, ବିଷୟଗୁଡ଼ିକର ସୃଜନାତ୍ମକ ମିଶ୍ରଣ, ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ଏକାଧିକ ପ୍ରବେଶ ଓ ପ୍ରସ୍ଥାନର ସୁବିଧା, ଚୟନିତ ବିଷୟ ଓ କ୍ଷେତ୍ରରେ ସ୍ପେସିଏଲାଇଜେସନ ପ୍ରଦାନ କରି ସମସ୍ତ ସ୍ନାତକ ପାଠ୍ୟକ୍ରମ ପାଇଁ ଲିବେରାଲ ଶିକ୍ଷାର ଦୃଷ୍ଟିକୋଣ ସର୍ବୋନ୍ମୁଖୀ ବିକାଶର ମୂଳଭିତ୍ତି ହେବ।

**କ.** ସାମ୍ବିଧାନିକ ମୂଲ୍ୟଗୁଡ଼ିକର ବିକାଶ କରିବା ଉଦ୍ଦେଶ୍ୟରେ ବହୁବିଷୟୀ ଦୃଷ୍ଟିକୋଣ ସହିତ **ଲିବେରାଲ ଶିକ୍ଷା**, ଉଚ୍ଚ ଶିକ୍ଷାର ଭିତ୍ତିଭୂମି ହେବ। ଏହା ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା, ବିଷୟଗତ ଜ୍ଞାନ ଏବଂ ସାମାଜିକ ନୈତିକ ମୂଲ୍ୟବୋଧର ବିକାଶ କରିବ। ବୃତ୍ତିଗତ ଓ ଧନ୍ଦାମୂଳକ କ୍ଷେତ୍ର ସହିତ ସବୁ ବିଷୟ, ପାଠ୍ୟକ୍ରମ ଓ କ୍ଷେତ୍ରରେ ସ୍ନାତକ ସ୍ତରରେ ଏହା ହିଁ ଦୃଷ୍ଟିକୋଣ ରହିବ।

**ଖ.** ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି)ର ମଡେଲ୍ ଓ ମାନଦଣ୍ଡ ଅନୁସାରେ କେନ୍ଦ୍ର ଦଶଟି ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଲିବେରାଲ ଆର୍ଟ୍ସ/ମଲ୍ଟିଡିସିପ୍ଲିନାରୀ ଏଜୁକେସନ ଆଣ୍ଡ ରିସାର୍ଚ୍ଚ ୟୁନିଭାର୍ସିଟୀ ପ୍ରତିଷ୍ଠା କରିବ।

**ଗ.ସୃଜନାତ୍ମକ ଏବଂ ପରିବର୍ତ୍ତନୀୟ ପାଠ୍ୟକ୍ରମର ଗଠନ** ଛାତ୍ରଛାତ୍ରୀମାନଙ୍କ ପାଇଁ ବିଷୟଗୁଡ଼ିକର ସୃଜନାତ୍ମକ ମିଶ୍ରଣ ଓ ପାଠ୍ୟକ୍ରମରେ ଏକାଧିକ ପ୍ରବେଶ ଓ ପ୍ରସ୍ଥାନର ସୁବିଧା ଆଣିଦେବ ଯାହା ବର୍ତ୍ତମାନ ଚାଲୁଥିବା ବଦ୍ଧ ସୀମାରେଖାକୁ ସମୂଳେ ନାଶ କରିବ ଓ ଜୀବନ ବ୍ୟାପୀ ଶିକ୍ଷଣର ସମ୍ଭାବନା ସୃଷ୍ଟି କରିବ।ସ୍ନାତକ (ସ୍ନାତକୋତ୍ତର ଓ ଡକ୍ଟରାଲ) ଶିକ୍ଷା ସ୍ତର ଗବେଷଣା ଆଧାରିତ ସ୍ପେସିଏଲାଇଜେସନ ପ୍ରଦାନ କରିବ ।

**ଘ.** ସ୍ନାତକ ଶିକ୍ଷା ୩ ବା ୪ ବର୍ଷ ଅବଧିର ହୋଇପାରେ। ପାଠ୍ୟକ୍ରମ (ବୃତ୍ତିଗତ ଓ ଧନ୍ଦାମୂଳକ କ୍ଷେତ୍ର ସହିତ) ସମ୍ପୂର୍ଣ୍ଣ ହେବାର ୨ ବର୍ଷରେ କୌଣସି ବିଷୟରେ ଆଡଭାନ୍ସଡ ଡିପ୍ଲୋମା ବା ୧ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ଉପଯୁକ୍ତ ସାର୍ଟିଫିକେସନ୍ ସହିତ ଏଇ ଅବଧି ଭିତରେ ସଂସ୍ଥାଗୁଡ଼ିକ **ଏକାଧିକ ପ୍ରସ୍ଥାନ ବିକଳ୍ପ** ଦେଇପାରିବେ।

**ଙ.** ୪ ବର୍ଷର ପାଠ୍ୟକ୍ରମ ଛାତ୍ରମାନଙ୍କୁ ଲିବେରାଲ ଶିକ୍ଷାର ସମ୍ପୂର୍ଣ୍ଣ ଅନୁଭୂତିର ସୁଯୋଗ ଦେବ। ଏହାକୁ ଚୟନିତ କ୍ଷେତ୍ରରେ **ବେଚଲର ଅଫ୍ ଲିବେରାଲ୍ ଆର୍ଟ୍ସ** କୁହାଯିବ। ୩ ବର୍ଷୀୟ ପାଠ୍ୟକ୍ରମ ହେବ ସ୍ନାତକ ଡିଗ୍ରୀ। ଉଭୟ ଡିଗ୍ରୀରେ ସମ୍ମାନ ସହିତ ଡିଗ୍ରୀ ମିଳିବ ଯଦି ଛାତ୍ରମାନେ ଗବେଷଣା କାର୍ଯ୍ୟ କରନ୍ତି।

**ଚ.** ସ୍ନାତକ ଡିଗ୍ରୀ ପାଇଁ କେତେକ ନିର୍ଦ୍ଦିଷ୍ଟ ବୃତ୍ତିଗତ ବିଷୟ (ଯେମିତି ଶିକ୍ଷକ ଶିକ୍ଷା, ଇଂଜିନିୟରିଂ, ମେଡିସିନ, ଆଇନ)ର ୪ ବର୍ଷ(ବା ଅଧିକ) ଅବଧି ରହିପାରେ।

**ଛ.** ବିଭିନ୍ନ ଡିଜାଇନର ସ୍ନାତକୋତ୍ତର ପାଠ୍ୟକ୍ରମ ଯୋଗାଇବାର ସୁବିଧା ସଂସ୍ଥାଗୁଡ଼ିକର ରହିବ, ଉଦାହରଣସ୍ୱରୂପ ଯେଉଁମାନେ ୩ ବର୍ଷର ସ୍ନାତକ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରନ୍ତି, ସେମାନଙ୍କ ପାଇଁ ୨ ବର୍ଷର କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷଟି କେବଳ ଗବେଷଣା ପାଇଁ, ୫ ବର୍ଷର ଇଣ୍ଟିଗ୍ରେଟେଡ୍ ସ୍ନାତକ ପାଠ୍ୟକ୍ରମ ରହିପାରେ, ଏବଂ ଯେଉଁ ଛାତ୍ରମାନେ ୪ ବର୍ଷର ସ୍ନାତକ ପାଠ୍ୟକ୍ରମ ସମ୍ମାନ ସହିତ ସମ୍ପୂର୍ଣ୍ଣ କରିବେ ତାଙ୍କ ପାଇଁ ୧ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ରହିବ।

**ଜ.** PhD କରିବା ପାଇଁ କେବଳ ସ୍ନାତକୋତ୍ତର ଡିଗ୍ରୀ ବା ସମ୍ମାନ ସହିତ ୪ ବର୍ଷର ସ୍ନାତକ ଡିଗ୍ରୀ ଆବଶ୍ୟକ ହେବ।M.Phil ପାଠ୍ୟକ୍ରମକୁ ବନ୍ଦ କରିଦିଆଯିବ।

## ୩. ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବା

**ଉଦ୍ଦେଶ୍ୟ:** ଏକ ଆନନ୍ଦଦାୟକ ସୁଦୃଢ଼ ଏବଂ ଅନୁକ୍ରିୟାଶୀଳପାଠ୍ୟକ୍ରମର ସୁନିଶ୍ଚିତକରଣ,ମନୋଯୋଗପୂର୍ଣ୍ଣ ଓ ପ୍ରଭାବଶାଳୀ ଶିକ୍ଷାଦାନ ପଦ୍ଧତି ଏବଂ ଶିକ୍ଷଣକୁ ଅପଟିମାଇଜ କରିବାକୁ ଯତ୍ନଶୀଳ ସମର୍ଥନ ଏବଂ ଛାତ୍ରମାନଙ୍କର ସର୍ବୋନ୍ନତି।

ଉଚ୍ଚ ଶିକ୍ଷାରେ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ପଦ୍ଧତି ତଥ୍ୟକୁ ମୁଖସ୍ଥ କରିବା ଓ ଯାନ୍ତ୍ରିକ ପଦ୍ଧତିରୁ ସମ୍ପୂର୍ଣ୍ଣରୂପେ ଭିନ୍ନ ହେବ ଯାହା ଛାତ୍ରମାନଙ୍କୁ ଗଣତାନ୍ତ୍ରିକ ରାଷ୍ଟ୍ରର ଜଣେ ସକ୍ରିୟ ନାଗରିକ ରୂପେ ଓ କୌଣସି କ୍ଷେତ୍ରରେ ଜଣେ ସଫଳ ବୃତ୍ତିଧାରୀ ରୂପେ ଅବଦାନ ଦେବାକୁ ସାହାଯ୍ୟ କରିବ।

**କ.** ଉନ୍ନତଶୀଳ ଓ ସଶକ୍ତ ପାଠ୍ୟକ୍ରମର ବିକାଶ **ଜାତୀୟ ଉଚ୍ଚତର ଶିକ୍ଷା ଯୋଗ୍ୟତା ଫ୍ରେମୱାର୍କ** ଦ୍ୱାରା ନିର୍ଦ୍ଦେଶିତ ହେବ ଯାହା ବିଭିନ୍ନ କ୍ଷେତ୍ର ଓ ବିଷୟରେ ଦିଆଯାଉଥିବା ଡିଗ୍ରୀ/ଡିପ୍ଲୋମା/ସାର୍ଟିଫିକେସନ ସମ୍ବନ୍ଧିତ ଶିକ୍ଷଣ ଉଦ୍ଦେଶ୍ୟକୁ ଦିଗଦର୍ଶନ ଦେବ। ଏହି ଫ୍ରେମୱାର୍କ ଏକାଡେମିକ/ବୃତ୍ତିଗତ/ଧନ୍ଦାମୂଳକ କ୍ଷେତ୍ରରେ ସମାନତା ଓ ଗତିଶୀଳତାକୁ ସୁନିଶ୍ଚିତ କରିବା ପାଇଁ ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କର ଅନୁରୂପ ହେବ।

**ଖ.** ପରିବର୍ତ୍ତନୀୟତା ଓ ନୂତନତା ପାଇଁ **ଚଏସ୍ ବେସ୍ଡ କ୍ରେଡିଟ୍ ସିଷ୍ଟମ** (CBCS) ସଂଶୋଧିତ ଏବଂ ଉନ୍ନତ ହେବ।

**ଗ.** ପ୍ରଭାବୀ ଶିକ୍ଷାଦାନ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ମାଧ୍ୟମରେ ଉଦ୍ଦୀପନାପୂର୍ଣ୍ଣ ଶିକ୍ଷଣ ଅନୁଭୂତି ଦିଆଯିବ; ସମସ୍ତ ଛାତ୍ରଛାତ୍ରୀମାନଙ୍କୁସାମାଜିକ ଅନୁଭୂତି ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ଦିଆଯିବ। ଛାତ୍ରଛାତ୍ରୀମାନଙ୍କୁ କେବଳ ଏକାଡେମିକ ଦୃଷ୍ଟିରୁ ମୂଲ୍ୟାୟନ ନକରିସେମାନଙ୍କର ବିସ୍ତୃତ ଓ ଅନ୍ତର୍ନିହିତ ଦକ୍ଷତାର ମୂଲ୍ୟାଙ୍କନ ହେବ।

**ଘ.** ଛାତ୍ରଛାତ୍ରୀମାନଙ୍କର ଉତ୍ତମ ପ୍ରଦର୍ଶନ ପାଇଁ **ଏକାଡେମିକ, ଆର୍ଥିକ ଓ ଆବେଗିକ ସହାୟତା** ଉପଲବ୍ଧ ରହିବ।

**ଙ. ମୁକ୍ତ ଏବଂ ଦୂରଶିକ୍ଷା** ବିସ୍ତୃତ ହେବ ଯାହା ନାମଲେଖା ଅନୁପାତକୁ ୫୦%ରେ ବୃଦ୍ଧି କରିବାକୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।ଏହି ଶିକ୍ଷା ବ୍ୟବସ୍ଥାରେ ସର୍ବୋତ୍କୃଷ୍ଟ ଉଚ୍ଚଗୁଣବତ୍ତାର ପାଠ୍ୟକ୍ରମର ଅନୁରୂପ କରିବାକୁ ଅନଲାଇନ୍ ଡିଜିଟାଲ ଲାଇବ୍ରେରୀ, ଗବେଷଣା ପାଇଁ ଅର୍ଥରାଶି, ଉନ୍ନତ ଛାତ୍ରସେବା, MOOCରେ କ୍ରେଡିଟ୍ ବେସ୍ଡ ରିକଗନିସନ ପରି ପଦକ୍ଷେପଗୁଡ଼ିକ ନିଆଯିବ।

**ଚ.** ଶିକ୍ଷାର **ଆନ୍ତର୍ଜାତୀୟକରଣ** ଉଭୟ ଆନୁଷ୍ଠାନିକ ସହଯୋଗ ଓ ଛାତ୍ର, ଶିକ୍ଷକ ଗତିଶୀଳତା ଦ୍ୱାରା ସୁବିଧାପ୍ରାପ୍ତ ହେବ। ଚୟନିତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଆନ୍ତର୍ଜାତୀୟ ଶିକ୍ଷା ପାଇଁ ଅନ୍ତର୍ବିଶ୍ୱବିଦ୍ୟାଳୟ କେନ୍ଦ୍ର ପ୍ରତିଷ୍ଠା କରାଯିବ।

## ୪. ସଶକ୍ତ, ମନୋଯୋଗୀ ଏବଂ ଦକ୍ଷ ଶିକ୍ଷକ

**ଉଦ୍ଦେଶ୍ୟ:** ନିପୁଣ ସଶକ୍ତ  ଗଭୀର ପ୍ରତିବଦ୍ଧତାସମ୍ପନ୍ନ  ଶିକ୍ଷକ, ଶିକ୍ଷାଦାନ ଏବଂ ଗବେଷଣାରେ ଉତ୍କୃଷ୍ଟତା ପାଇଁ ଶକ୍ତିସମ୍ପନ୍ନ ଶିକ୍ଷକ।

ଉଚ୍ଚଶିକ୍ଷା ସଂସ୍ଥାଗୁଡ଼ିକର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ କାରକ ହେଉଛି ସେଗୁଡ଼ିକରେ ଶିକ୍ଷାଦାନ ଦେଉଥିବା ଶିକ୍ଷକମାନଙ୍କ ଗୁଣବତ୍ତା।ଏହି ନୀତି ଉଚ୍ଚଶିକ୍ଷାରେ ଶିକ୍ଷକମାନଙ୍କୁ ପୁଣି କେନ୍ଦ୍ରବିନ୍ଦୁକୁ ଫେରାଇ ଆଣିବ ।

**କ.** ସମସ୍ତ ପାଠ୍ୟକ୍ରମ, ବିଷୟ ଏବଂ କ୍ଷେତ୍ରର ଆବଶ୍ୟକତାକୁ ପୂରା କରିବାକୁ ସୁନିଶ୍ଚିତ କରି ପ୍ରତ୍ୟେକ ସଂସ୍ଥାର ଉପଯୁକ୍ତ ଶିକ୍ଷକ ରହିବେ, ଏଥିରେ ଉପଯୁକ୍ତ ଛାତ୍ର-ଶିକ୍ଷକ ଅନୁପାତ (୩୦:୧ରୁ ଅଧିକ ନୁହେଁ) ରହିବ ଏବଂ ବିବଧତାକୁ ସୁନିଶ୍ଚିତ କରାଯିବ।

**ଖ.** ବର୍ତ୍ତମାନ ପ୍ରଚଳିତ ଆଡହକ୍, ଚୁକ୍ତିଭିତ୍ତିକ ନିଯୁକ୍ତି ଶୀଘ୍ର ବନ୍ଦ ହୋଇଯିବ।

**ଗ.** ଏକାଡେମିକ୍ ଅଭିଜ୍ଞତା, ଶିକ୍ଷାଦାନର ଦକ୍ଷତା ଏବଂ ଜନସେବା ପାଇଁ ଅନ୍ତର୍ନିହିତ ଗୁଣାବଳୀ ଆଧାରରେ ଶିକ୍ଷକ ନିଯୁକ୍ତି ହେବ।

**ଘ.** ଶିକ୍ଷକମାନଙ୍କ ପାଇଁ ଠିକ୍ ଭାବରେ ଡିଜାଇନ କରାଯାଇଥିବା ସ୍ଥାୟୀ ନିଯୁକ୍ତି(ଟେନ୍ୟୋର) ଟ୍ରାକ୍ ସିଷ୍ଟମ ଆରମ୍ଭ କରାଯିବ-ଏହା ସମସ୍ତ ସଂସ୍ଥାଗୁଡ଼ିକରେ(ବେସରକାରୀ ସଂସ୍ଥାଗୁଡ଼ିକୁ ମିଶାଇ) ସମ୍ପୂର୍ଣ୍ଣରୂପେ ୨୦୩୦ ସୁଦ୍ଧା କାର୍ଯ୍ୟକାରୀ ହେବ।

**ଙ.**ଶିକ୍ଷକମାନେ ସେମାନଙ୍କ ପାଠ୍ୟକ୍ରମ ପାଇଁ ବିକଳ୍ପ ବାଛି ପରିବେ ଏବଂ ଶୈକ୍ଷିକ ସ୍ୱତନ୍ତ୍ରତା ସହିତ ଗବେଷଣା କରିବାକୁ ସଶକ୍ତ ହେବେ।

**ଚ.** ସବୁ ସଂସ୍ଥା ଶିକ୍ଷକମାନଙ୍କ ପାଇଁ  ନିରବଚ୍ଛିନ୍ନ ବୃତ୍ତିଗତ ବିକାଶର ଯୋଜନା କରିବେ ଓ ତାକୁ ବାସ୍ତବ ରୂପ ଦେବାର ପ୍ରକ୍ରିୟା ନିର୍ଦ୍ଧାରଣ କରିବେ। ଏହି ଯୋଜନାରେ ବିଷୟ ବା କ୍ଷେତ୍ରରେ ଦକ୍ଷତାର ବିକାଶ, ଶିକ୍ଷାଦାନ ପଦ୍ଧତିର ଦକ୍ଷତା, ଗବେଷଣା ଓ ପ୍ରୟୋଗ ପାଇଁ ଅବଦାନ ଅନ୍ତର୍ଭୁକ୍ତ ରହିବ।

**ଛ.** ଶିକ୍ଷକ ନିଯୁକ୍ତି ଓ ବିକାଶ, କ୍ୟାରିଅର ପ୍ରଗତି, ଦରମା, ବିଭିନ୍ନ ଭତ୍ତା, ପେନସନ୍ ଆଦିର ସୁବିଧାର ପରିଚାଳନା ପ୍ରତ୍ୟେକ ସଂସ୍ଥାର ଆନୁଷ୍ଠାନିକ ବିକାଶ ଯୋଜନାର ଅଂଶ ହେବ।

# ୫. ସଶକ୍ତ ପରିଚାଳନା ଓ ସ୍ୱାୟତ୍ତତା

**ଉଦ୍ଦେଶ୍ୟ:** ଦକ୍ଷ, ମୂଲ୍ୟବୋଧସମ୍ପନ୍ନସ୍ୱତନ୍ତ୍ର, ସ୍ୱାୟତ୍ତ ଉଚ୍ଚତର ଶିକ୍ଷା ସଂସ୍ଥାର ଗଠନ

ଉଚ୍ଚ ଗୁଣବତ୍ତାର ଶିକ୍ଷା ଓ ଗବେଷଣା, ବିକାଶ ଲାଭ କରୁଥିବା ବ୍ୟବସ୍ଥାରେ ବୌଦ୍ଧିକ ପରିବର୍ତ୍ତନ ଆବଶ୍ୟକ କରେ-ଏହି ବ୍ୟବସ୍ଥାକୁ ଉଚ୍ଚଶିକ୍ଷା ସଂସ୍ଥାଗୁଡ଼ିକର ପରିଚାଳନା ନିର୍ଦ୍ଧାରିତ କରିଥାଏ।

**କ.** ଉଚ୍ଚତର ଶିକ୍ଷା ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ଏକାଡେମିକ ଓ ପ୍ରଶାସନିକ ସ୍ୱାୟତ୍ତତା ସହିତ **ସ୍ୱତନ୍ତ୍ର ବୋର୍ଡ** ଦ୍ୱାରା ପରିଚାଳିତ ହେବେ। ଏହି ବୋର୍ଡର ଗଠନ ଓ ନିଯୁକ୍ତି, ଅଧ୍ୟକ୍ଷ ଓ ଉପକୂଳପତି/ନିର୍ଦ୍ଦେଶକ କୌଣସି ପ୍ରକାରର ବାହ୍ୟିକ ହସ୍ତକ୍ଷେପ, ଏପରିକି ସରକାରଙ୍କଠୁଁ ମଧ୍ୟ, ଯେମିତି ନରହିବ, ତାର ସୁନିଶ୍ଚିତ କରିବେ ଏବଂ ସଂସ୍ଥା ପ୍ରତି ପ୍ରତିବଦ୍ଧ ଥିବା ଉଚ୍ଚ ଦକ୍ଷତାସମ୍ପନ୍ନ ବ୍ୟକ୍ତିଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବେ।

**ଖ.** ସମସ୍ତ ଉଚ୍ଚତର **ଶିକ୍ଷା ସଂସ୍ଥାଗୁଡ଼ିକ ସ୍ୱୟଂଶାସିତ** ହେବେ ଏବଂ "ସ୍ୱୀକୃତି" ପରି ବ୍ୟବହାର ବନ୍ଦ ହେବ। "ସ୍ୱୀକୃତ ମହାବିଦ୍ୟାଳୟ"କୁ ସ୍ୱୟଂଶାସିତ ଭାବେ ଡିଗ୍ରୀ ପ୍ରଦାନ କରୁଥିବା ମହାବିଦ୍ୟାଳୟରେ ପରିଣତ କରାଯିବାକୁସମର୍ଥନ କରାଯିବ ଏବଂ ସ୍ୱୀକୃତି ଦେଉଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଉନ୍ନତ ବହୁବିଷୟୀ ସଂସ୍ଥାଗୁଡ଼ିକରେ ବିକଶିତ ହେବ।

**ଗ. ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ** ଗୁଣ ହିସାବରେ ରେଗୁଲେଟୋରୀ ବ୍ୟବସ୍ଥା ଦ୍ୱାରା ସମାନ ମୂଲ୍ୟ ଦିଆଯିବ। ଶିକ୍ଷାର ବ୍ୟବସାୟୀକରଣ ବନ୍ଦ କରାଯିବ, ଏବଂ ଲୋକହିତ କାର୍ଯ୍ୟଗୁଡ଼ିକୁ ଉତ୍ସାହିତ କରାଯିବ।

**ଘ. ବ୍ୟବସ୍ଥାର କାର୍ଯ୍ୟକଳାପ ଓ ସଂରଚନା ରେ ସ୍ୱାୟତ୍ତତା ଅନ୍ତର୍ନିହିତ ରହିବ।** ଶିକ୍ଷକମାନଙ୍କର ଏକାଡେମିକ ସ୍ୱାଧିନତା , ପାଠ୍ୟକ୍ରମକୁ ସୁଦୃଢ଼କରଣ କ୍ଷମତା, ଶିକ୍ଷାଦାନ ଦୃଷ୍ଟିକୋଣ, ଛାତ୍ର ମୂଲ୍ୟାୟନ ଏବଂ ଗବେଷଣା କାର୍ଯ୍ୟଗୁଡ଼ିକ ରହିବ।ସଂସ୍ଥାଗୁଡ଼ିକର ଏକାଡେମିକ ଓ ପ୍ରଶାସନିକ ସ୍ୱାୟତ୍ତତା ରହିବ।ଏଥିରେ ପାଠ୍ୟକ୍ରମ ଆରମ୍ଭ ଓ ପାଠ୍ୟକ୍ରମ ଆଗେଇ ନେବାର ସ୍ୱାଧିନତା, ପାଠ୍ୟକ୍ରମ ସ୍ଥିରକରଣ, ଛାତ୍ରଙ୍କର ଦକ୍ଷତା ସ୍ଥିର କରିବା, ଆବଶ୍ୟକୀୟ ସମ୍ବଳ ବିଷୟରେ ସ୍ଥିର କରିବା ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥା ବିଷୟରେ ସ୍ଥିର କରିବା, ପରିଚାଳନା ଏବଂ ବ୍ୟକ୍ତି ପରିଚାଳନା ବ୍ୟବସ୍ଥା ବିଷୟରେ ସ୍ଥିର କରିବା ଅନ୍ତର୍ଭୁକ୍ତ ରହିବ। ଉଚ୍ଚତର ଶିକ୍ଷା ସଂସ୍ଥାଗୁଡ଼ିକ ସ୍ୱୟଂଶାସିତ, ସ୍ୱତନ୍ତ୍ର ଏବଂ ସ୍ୱାୟତ୍ତ ସଂସ୍ଥା ଭାବରେ ବିକଶିତ ହେବେ।

# ୬. ନିୟନ୍ତ୍ରଣ ବ୍ୟବସ୍ଥାର ପରିବର୍ତ୍ତନ

**ଉଦ୍ଦେଶ୍ୟ:** ଉଚ୍ଚତର ଶିକ୍ଷାରେ ଉତ୍କୃଷ୍ଟତା ଏବଂ ନିସ୍ୱାର୍ଥପରତାକୁ ଉତ୍ସାହିତ କରିବାକୁ ପ୍ରଭାବୀ ସକ୍ଷମ ଦାୟୀତ୍ୱସମ୍ପନ୍ନ ଶାସନ

ନିସ୍ୱାର୍ଥପରତା, ସମାନତା, ଉତ୍କୃଷ୍ଟତା, ଆର୍ଥିକ ସ୍ଥିରତା ଏବଂ ଉତ୍ତମ ଶାସନକୁ ସୁନିଶ୍ଚିତ କରିବାକୁ ନିୟନ୍ତ୍ରଣ ବ୍ୟବସ୍ଥା ଦାୟୀତ୍ୱସମ୍ପନ୍ନ ଏବଂ ସର୍ବନିମ୍ନ ହେବ।

**କ.** କ୍ଷମତାର ପ୍ରଭାବ ଏବଂ ନିହିତ ସ୍ୱାର୍ଥକୁ ସମାପ୍ତ କରି **ମାନକ ନିର୍ଦ୍ଧାରଣ, ଫଣ୍ଡିଂ, ଆକ୍ରେଡିଟେସନ ଏବଂ ରେଗୁଲେସନର କାର୍ଯ୍ୟାବଳୀଗୁଡ଼ିକ ଅଲଗା ଅଲଗା ହେବ ଏବଂ ସ୍ୱତନ୍ତ୍ର ଅନୁଷ୍ଠାନ** ଦ୍ୱାରା ପରିଚାଳିତ ହେବ।

**ଖ.** ବୃତ୍ତିଗତ ଶିକ୍ଷା ସମେତ ସବୁ ଉଚ୍ଚତର ଶିକ୍ଷା ପାଇଁ **ଜାତୀୟ ଉଚ୍ଚତର ଶିକ୍ଷା ନିୟନ୍ତ୍ରଣ କର୍ତ୍ତୃପକ୍ଷ** ହିଁ କେବଳ ଏକମାତ୍ର ନିୟନ୍ତ୍ରକ ହେବ। ବର୍ତ୍ତମାନର ସମସ୍ତ ନିୟନ୍ତ୍ରଣକାରୀ ଅନୁଷ୍ଠାନଗୁଡ଼ିକ ପ୍ରଫେସନାଲ ମାନକ ନିର୍ଦ୍ଧାରଣ ଅନୁଷ୍ଠାନ ହେବ।

**ଗ.** ବର୍ତ୍ତମାନର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଉଚ୍ଚତର ଶିକ୍ଷା ଅନୁଦାନ ପରିଷଦରେ ପରିଣତ ହେବ।

**ଘ.** ସାଧାରଣ ଶିକ୍ଷା ପରିଷଦ ପ୍ରତିଷ୍ଠା କରାଯିବ, ଏବଂ ଜାତୀୟ ଉଚ୍ଚତର ଶିକ୍ଷା ଯୋଗ୍ୟତା ଫ୍ରେମୱାର୍କର ବିକାଶ କରିବ, ଯେଉଁଥିରେ ଗ୍ରାଜୁଏଟ୍ ଆଟ୍ରିବ୍ୟୁଟର ବ୍ୟାଖ୍ୟା କରାଯିବ, ଯାହା ଉଚ୍ଚଶିକ୍ଷାରେ ଆଶାନୁରୂପ ଶିକ୍ଷଣ ଫଳାଫଳ ଦେବ।

**ଙ. ମୌଳିକ ପାରାମିଟରରେ ଆକ୍ରେଡିଟେସନ୍ ନିୟନ୍ତ୍ରଣ** ବ୍ୟବସ୍ଥାର ଭିତ୍ତି ହେବ। ଜାତୀୟ ମୂଲ୍ୟାୟନ ଏବଂ ପ୍ରତ୍ୟାୟନ ପରିଷଦ ଆକ୍ରେଡିଟେସନ୍ ସଂସ୍ଥାଗୁଡ଼ିକର ଏକ ସମନ୍ୱୟ ବ୍ୟବସ୍ଥାର ବିକାଶ କରିବ।

**ଚ. ସରକାରୀ ଏବଂ ବେସରକାରୀ ଉଚ୍ଚତର ଶିକ୍ଷା ସଂସ୍ଥାଗୁଡ଼ିକ** ପାଇଁ ଗୋଟିଏ ସାଧାରଣ ନିୟନ୍ତ୍ରଣ ବ୍ୟବସ୍ଥା ରହିବ ଏବଂ **ପ୍ରାଇଭେଟ୍ ଜନହିତ କାର୍ଯ୍ୟକୁ** ଉତ୍ସାହିତ କରାଯିବ।

**ଛ.** ନୀତି ସ୍ତରରେ ରାଜ୍ୟ ସରକାରଙ୍କ ଉଚ୍ଚତର ଶିକ୍ଷା ବିଭାଗଗୁଡ଼ିକ ସାମିଲ୍ ହେବେ; ରାଜ୍ୟ ଉଚ୍ଚତର ଶିକ୍ଷା ପରିଷଦ ସହଯୋଗୀ ସହାୟତା ଏବଂ ଉତ୍ତମ କାର୍ଯ୍ୟ ବ୍ୟବସ୍ଥାର ସୁବିଧାରେ ସାହାଯ୍ୟ କରିବେ।

# ଶିକ୍ଷକ ଶିକ୍ଷା

## ୧. ସୁଦୃଢ଼ ଶିକ୍ଷକ ପ୍ରସ୍ତୁତି

**ଉଦ୍ଦେଶ୍ୟ:** ଶିକ୍ଷକ ଶିକ୍ଷା ବ୍ୟବସ୍ଥାକୁ ବହୁବିଷୟୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପରିଣତ କରି, ଚାରି ବର୍ଷର ଇଣ୍ଟିଗ୍ରେଟେଡ୍ ସ୍ନାତକ ଡିଗ୍ରୀକୁ ସମସ୍ତ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ଭାବେ କାର୍ଯ୍ୟକାରୀ କରି ଶିକ୍ଷକମାନଙ୍କୁ ବିଷୟବସ୍ତୁ, ଶିକ୍ଷାଦାନ ପଦ୍ଧତି ଓ ପ୍ରୟୋଗ ବିଷୟରେ ଉଚ୍ଚ ଗୁଣବତ୍ତାର ପ୍ରଶିକ୍ଷଣ ଦେବା।

ଶିକ୍ଷାଦାନ ହେଉଛି ନୈତିକ ଭାବରେ ଓ ବୌଦ୍ଧିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବୃତ୍ତି। ନୂତନ ଶିକ୍ଷକମାନେ ସୁଦୃଢ଼ ପ୍ରସ୍ତୁତି ଦରକାର କରନ୍ତି ଏବଂ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ନିରବଚ୍ଛିନ୍ନ ବୃତ୍ତିଗତ ବିକାଶ ଏବଂ ଏକାଡେମିକ ଓ ବୃତ୍ତିଗତ ସହାୟତା ଆବଶ୍ୟକ କରନ୍ତି।

**କ.** ଶିକ୍ଷକ ପ୍ରସ୍ତୁତି ପାଇଁ **୪ ବର୍ଷର ଇଣ୍ଟିଗ୍ରେଟେଡ୍ ବେଚଲର୍ ଅଫ୍ ଏଜୁକେସନ୍ ପ୍ରୋଗ୍ରାମ** ବିଷୟଗତ ଏବଂ ଶିକ୍ଷକ ପ୍ରସ୍ତୁତି ପାଠ୍ୟକ୍ରମ ସମେତ ବହୁବିଷୟୀ ସଂସ୍ଥାଗୁଡ଼ିକରେ ଅଧ୍ୟୟନର ସ୍ନାତକ ପାଠ୍ୟକ୍ରମ ରୂପେ ଦିଆଯିବ। ଏହା ସ୍ତର-ନିର୍ଦ୍ଦିଷ୍ଟ, ବିଷୟ-ନିର୍ଦ୍ଦିଷ୍ଟ ପ୍ରୋଗ୍ରାମ ହେବ ଯାହା ଶିକ୍ଷକମାନଙ୍କୁ ପ୍ରିସ୍କୁଲଠାରୁ ମାଧ୍ୟମିକ ସ୍ତର(ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ କଳା ଓ କ୍ରୀଡ଼ା ସମେତ ଧନ୍ଦାମୂଳକ ଶିକ୍ଷା ବା ସ୍ୱତନ୍ତ୍ର ଶିକ୍ଷାକୈନ୍ଦ୍ରିକ ସବୁ ବିଷୟରେ ଶିକ୍ଷକ ପ୍ରସ୍ତୁତ କରିବ।

**ଖ.** ୪ ବର୍ଷର B.Ed ଡିଗ୍ରୀ ଅନ୍ୟ ସ୍ନାତକ ଡିଗ୍ରୀ ସହ ସମାନ ହେବ ଏବଂ ୪ ବର୍ଷର B.Ed ଥିବା ଛାତ୍ରଛାତ୍ରୀମାନେ ସ୍ନାତକୋତ୍ତର ଡିଗ୍ରୀରେ ନାମ ଲେଖାଇବା ପାଇଁ ଯୋଗ୍ୟ ହେବେ।

**ଗ.** ବର୍ତ୍ତମାନର ଦୁଇ ବର୍ଷର B.Ed ପାଠ୍ୟକ୍ରମ ୨୦୩୦ ସୁଦ୍ଧା ଚାଲିବ। ୨୦୩୦ ପରେ ୪ ବର୍ଷର ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଦେଉଥିବା ସଂସ୍ଥାଗୁଡ଼ିକରେ ୨ ବର୍ଷର B.Ed ପାଠ୍ୟକ୍ରମ ଚାଲିବ। ଏହି ପାଠ୍ୟକ୍ରମଗୁଡ଼ିକ ସ୍ନାତକ ଡିଗ୍ରୀଧାରୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଦିଆଯିବ।

**ଘ.** ୨୦୩୦ ପରେ ଅନ୍ୟ କୌଣସି ପ୍ରକାରର ପ୍ରି-ସାର୍ଭିସ ଶିକ୍ଷକ ପ୍ରସ୍ତୁତି ପାଠ୍ୟକ୍ରମ ଦିଆଯିବ ନାହିଁ।

**ଙ.** ଶିକ୍ଷକ ଶିକ୍ଷା କେବଳ **ବହୁବିଷୟୀ ଅନୁଷ୍ଠାନଗୁଡ଼ିକ** ଦ୍ୱାରା ପରିଚାଳିତ ହେବ। ଉତ୍ତମ ପ୍ରି-ସର୍ଭିସ ଶିକ୍ଷକ ପ୍ରସ୍ତୁତି ଶୈକ୍ଷିକ ଦୃଷ୍ଟିକୋଣର ତାତ୍ତ୍ୱିକ ଜ୍ଞାନ ପାଇଁ ସବୁ ବିଷୟରେ ବିଶାରଦ ଜ୍ଞାନ, ବିଷୟ ଓ ଶିକ୍ଷାଦାନ ପଦ୍ଧତି ସହିତ ତତ୍ତ୍ୱ-ପ୍ରୟୋଗର ସୁଦୃଢ଼ ସଂଯୋଗ ଆବଶ୍ୟକ କରେ, ଏଥିରେ ଶିକ୍ଷାର ମୁଖ୍ୟ କ୍ଷେତ୍ରରେ ଓ ବିଦ୍ୟାଳୟମାନଙ୍କର ନେଟୱାର୍କରେ ଅନ୍ୟ ବିଦ୍ୟାଳୟ ବିଷୟଗୁଡ଼ିକରେ କେତେକ ବିଶାରଦ ଅଭିଜ୍ଞତା ଆବଶ୍ୟକ କରେ।

**ଚ.** ନିମ୍ନମାନର ଏବଂ **ଅକାର୍ଯ୍ୟକ୍ଷମ** ଶିକ୍ଷକ ଶିକ୍ଷା ସଂସ୍ଥାଗୁଡ଼ିକ **ବନ୍ଦ କରିଦିଆଯିବ।**

# ବୃତ୍ତିଗତ ଶିକ୍ଷା

## ୯. ଉଚ୍ଚତର ଶିକ୍ଷା ବ୍ୟବସ୍ଥାରେ ବୃତ୍ତିଗତ ଶିକ୍ଷାକୁ ପୁଣି ସାମିଲ କରିବା, ବୃତ୍ତିଗତ ଶିକ୍ଷାକୁ ପୁଣି ସଶକ୍ତ କରିବା

**ଉଦ୍ଦେଶ୍ୟ:** ବିସ୍ତୃତ ନିପୁଣତା ଏବଂ ଏକବିଂଶ ଶତାବ୍ଦୀର ଦକ୍ଷତାଗୁଡ଼ିକୁ, ମାନବୀୟ ସାମାଜିକ ପ୍ରସଙ୍ଗର ଜ୍ଞାନ, ସୁଦୃଢ଼ ନୀତିଗତ ନିର୍ଦ୍ଦେଶନା, ସର୍ବୋଚ୍ଚ ଗୁଣବତ୍ତାର ବୃତ୍ତିଗତ ଦକ୍ଷତାଗୁଡ଼ିକୁ ସୁନିଶ୍ଚିତ କରି ବୃତ୍ତିଧାରୀମାନଙ୍କ ପ୍ରଶିକ୍ଷଣ ପାଇଁ ପୂର୍ଣ୍ଣବାଦୀ ଦୃଷ୍ଟିକୋଣର ପ୍ରସ୍ତୁତି।

ବୃତ୍ତିଧାରୀ ବ୍ୟକ୍ତିମାନଙ୍କ ପ୍ରସ୍ତୁତି ଜନ ଉଦ୍ଦେଶ୍ୟ  ଓ ନୀତିର ଗୁରୁତ୍ୱ, ବିଷୟଗତ ଶିକ୍ଷା ଏବଂ ପ୍ରୟୋଗାତ୍ମକ ଶିକ୍ଷା  ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବ, ଏଥିପାଇଁ ବୃତ୍ତିଗତ ଶିକ୍ଷା  ବିଶାରଦ ଜ୍ଞାନ ବିନା  ହୋଇପାରିବ ନାହିଁ।

**କ.** ସମଗ୍ର **ଉଚ୍ଚତର ଶିକ୍ଷା ବ୍ୟବସ୍ଥାରେ ବୃତ୍ତିଗତ ଶିକ୍ଷା ହେବ ଏକ ଅବିଚ୍ଛେଦ୍ୟ ଅଙ୍ଗ।** ସ୍ୱୟଂସମ୍ପୂର୍ଣ୍ଣ ବୈଷୟିକ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଆଇନ ଓ କୃଷିଭିତ୍ତିକ ବିଶ୍ୱବିଦ୍ୟାଳୟ, ବା ଏଇ କ୍ଷେତ୍ରରେ ବା ଅନ୍ୟ କ୍ଷେତ୍ରରେ ସଂସ୍ଥାଗୁଡ଼ିକ ପ୍ରତିଷ୍ଠା କରିବା ବନ୍ଦ କରିଦିଆଯିବ। ବୃତ୍ତିଗତ ଶିକ୍ଷା ବା ସାଧାରଣ ଶିକ୍ଷା ଦେଉଥିବା ସମସ୍ତ ସଂସ୍ଥାଗୁଡ଼ିକ ୨୦୩୦ ସୁଦ୍ଧା ଉଭୟ ପ୍ରକାର ଶିକ୍ଷା ଦେଉଥିବା ସଂସ୍ଥାରେ ପରିଣତ ହେବେ।

**ଖ. କୃଷିଭିତ୍ତିକ ଶିକ୍ଷା** ଓ କୃଷି ସମ୍ବନ୍ଧିତ ବିଷୟଗୁଡ଼ିକୁ ପୁଣି ସଶକ୍ତ କରାଯିବ। ଯଦିଓ କୃଷିଭିତ୍ତିକ ବିଶ୍ୱବିଦ୍ୟାଳୟ ଦେଶରେ ମୋଟ ବିଶ୍ୱବିଦ୍ୟାଳୟର ୯%, ଉଚ୍ଚତର ଶିକ୍ଷାରେ କୃଷି ଓ ସମ୍ବନ୍ଧିତ ବିଜ୍ଞାନଗୁଡ଼ିକରେ ନାମଲେଖା ସବୁ ବିଷୟରେ ନାମଲେଖାର ୧%ରୁ କମ୍ ଅଟେ। ଉତ୍ତମ ଦକ୍ଷତା ସମ୍ପନ୍ନ ସ୍ନାତକ ଓ ବୈଷୟିକ ବିଜ୍ଞାନୀ, ଗବେଷଣା ଓ ବୈଷୟିକ ବିଜ୍ଞାନ ଏବଂ ପ୍ରୟୋଗରେ ବଜାର ଆଧାରିତ ଏକ୍ସଟେନସନ୍ ଲିଙ୍କ୍  ଦ୍ୱାରା କୃଷିଗତ ଉତ୍ପାଦନଶୀଳତାକୁ ବୃଦ୍ଧି କରିବାକୁ ଉଭୟ ଦକ୍ଷତା ଏବଂ ଗୁଣବତ୍ତା କୃଷି ଓ ସମ୍ବନ୍ଧିତ ବିଷୟଗୁଡ଼ିକରେ ଉନ୍ନତ କରାଯିବ।ସାଧାରଣ ଶିକ୍ଷା ସହିତ  କୃଷି କ୍ଷେତ୍ର, ପଶୁ ଚିକିତ୍ସା ବିଜ୍ଞାନଗୁଡ଼ିକରେ ପାଠ୍ୟକ୍ରମଗୁଡ଼ିକୁ ଏକାଠି କରି ବୃତ୍ତିଧାରୀ ବ୍ୟକ୍ତି ପ୍ରସ୍ତୁତ କରିବାରେ ଦକ୍ଷତା ବୃଦ୍ଧି କରାଯିବ।  ଆଞ୍ଚଳିକ ଜ୍ଞାନ, ପାରମ୍ପରିକ ଜ୍ଞାନ ଓ ବିକାଶୋନ୍ମୁଖୀ ବୈଷୟିକ ବିଜ୍ଞାନକୁ ବୁଝି କି ବ୍ୟବହାର କରିବାର **ଦକ୍ଷତା** ସହିତ ବୃତ୍ତିଧାରୀ ବ୍ୟକ୍ତିଙ୍କୁ ବିକଶିତ କରିବାରେ କୃଷି ଶିକ୍ଷାର ସମ୍ପୂର୍ଣ୍ଣ ଡିଜାଇନ ପରିବର୍ତ୍ତିତ ହେବ। ଏହା ସହିତ ଗୁରୁତର ସମସ୍ୟା ଯେମିତି ଜମିର ଉତ୍ପାଦନଶୀଳତା, ଜଳବାୟୁ ପରିବର୍ତ୍ତନ, ଆମ ବର୍ଦ୍ଧନଶୀଳ ଜନସଂଖ୍ୟା ପାଇଁ ଯଥେଷ୍ଟ ଖାଦ୍ୟ ଏସବୁ ବିଷୟରେ ଧ୍ୟାନ ଓ ଜ୍ଞାନ ମଧ୍ୟ ରହିବ।କୃଷିଭିତ୍ତିକ ଶିକ୍ଷା ଦେଉଥିବା ସଂସ୍ଥାଗୁଡ଼ିକରୁ **ଆଞ୍ଚଳିକ ଗୋଷ୍ଠୀଗୁଡ଼ିକ** ସିଧାସଳଖ ଲାଭ ପାଇବା ଉଚିତ, ବୈଷୟିକ ପ୍ରକ୍ରିୟାକରଣ ଏବଂ ଜ୍ଞାନ ବିତରଣକୁ ପ୍ରଚାର କରିବା ପାଇଁ କୃଷିଭିତ୍ତିକ ଟେକ୍ନୋଲୋଜୀ ପାର୍କର ପ୍ରତିଷ୍ଠା କରିବା ଗୋଟିଏ କାର୍ଯ୍ୟ ହୋଇପାରେ।

**ଗ. ଆଇନ ଶିକ୍ଷା** ପାଠ୍ୟକ୍ରମକୁ ପୁନର୍ଗଠନ କରାଯିବ। ଆଇନରେ ବୃତ୍ତିଗତ ଶିକ୍ଷା ବିଶ୍ୱସ୍ତରରେ ସର୍ବୋତ୍ତମ ହେବା ଉଚିତ, ନ୍ୟାୟ ପାଇବା ପାଇଁ ଏବଂ ଠିକ ସମୟରେନ୍ୟାୟ ପାଇଁ ନୂତନ ବୈଷୟିକ ଜ୍ଞାନକୌଶଳ ଆପଣେଇବା ଉଚିତ ଓ ଏଇ କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟକୁ ଗ୍ରହଣ କରିବା ଉଚିତ। ଏହା ସହିତ ଏଥିରେ ନ୍ୟାୟର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସାମ୍ବିଧାନିକ ମୂଲ୍ୟ ନିହିତ ରହିବା ଉଚିତ ଏବଂ ଗଣତାନ୍ତ୍ରିକ, ବୈଧାନିକ ଓ ମାନବାଧିକାର ମୂଲ୍ୟରେ ରାଷ୍ଟ୍ରର ପୁନର୍ଗଠନ ପାଇଁ

ଉଦ୍ଦିଷ୍ଟ ହେବା ଉଚିତ। **ଆଇନ ବିଷୟର ପାଠ୍ୟକ୍ରମ** ସାମାଜିକ-ସାଂସ୍କୃତିକ ପ୍ରସଙ୍ଗଗୁଡ଼ିକ ସହିତ ଆଇନ ଚିନ୍ତାଧାରାର ଇତିହାସ, ନ୍ୟାୟର ନିୟମ ଏବଂ ନ୍ୟାୟବ୍ୟବସ୍ଥାର କାର୍ଯ୍ୟ ଏବଂ ଅନ୍ୟ ସମ୍ବନ୍ଧିତ ବିଷୟବସ୍ତୁ ଠିକ ଭାବରେ ଓ ପର୍ଯ୍ୟାପ୍ତ ଭାବରେ ସାମିଲ କରିବ।

ଆଇନ ଶିକ୍ଷା ଦେଉଥିବା ରାଜ୍ୟ ସଂସ୍ଥାଗୁଡ଼ିକ ଭବିଷ୍ୟତର ଆଇନଜୀବୀ ଏବଂ ବିଚାରପତିମାନଙ୍କ ପାଇଁ **ଦ୍ଵିଭାଷୀ**-ଇଂରାଜୀ ଓ ଆଇନ ପାଠ୍ୟକ୍ରମ ଦେଉଥିବା ରାଜ୍ୟର ଭାଷାରେ ଶିକ୍ଷା ଦେବା ବ୍ୟବସ୍ଥାକୁ ଗ୍ରହଣ କରିବା ଉଚିତ, ଏହାଦ୍ଵାରା ଅନୁବାଦର ସୁବିଧା ହେବା ଫଳରେ ନ୍ୟାୟ ବିଚାରରେ ହେଉଥିବା ବିଳମ୍ବକୁ ଏଡ଼ାଯାଇ ପାରିବ।

**ଘ. ସ୍ଵାସ୍ଥ୍ୟସେବା ଶିକ୍ଷାକୁ** ଏମିତି ପରିକଳ୍ପନା କରାଯାଇଛି ଯେ ଶୈକ୍ଷିକ ପାଠ୍ୟକ୍ରମର ଅବଧି, ସଂରଚନା ଓ ଡିଜାଇନ ବ୍ୟକ୍ତିମାନେ ଯେତିକି ଭୂମିକା ଗ୍ରହଣ କରନ୍ତି ସେତିକି ଆବଶ୍ୟକ ହେବ। ଉଦାହରଣସ୍ଵରୂପ, ପ୍ରତ୍ୟେକ ସ୍ଵାସ୍ଥ୍ୟସେବା ପ୍ରକ୍ରିୟା/ପଦକ୍ଷେପ(ଯେମିତି ECG ପଢ଼ିବା) ଜରୁରୀଭାବରେ ଜଣେ ଯୋଗ୍ୟତାସମ୍ପନ୍ନ ଡାକ୍ତରଙ୍କ ଆବଶ୍ୟକ କରେନାହିଁ। ସବୁ MBBS ସ୍ନାତକଧାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ରହିବା ଉଚିତ: i) ମେଡିକାଲ ଦକ୍ଷତା, ii)ଡାଏଗ୍ନୋଷ୍ଟିକ ଦକ୍ଷତା iii)ସର୍ଜିକାଲ୍ ଦକ୍ଷତା iv) ଇମାର୍ଜେନସୀ ଦକ୍ଷତା। ପ୍ରାଥମିକ ସେବାକେନ୍ଦ୍ର ଓ ସେକେଣ୍ଡାରୀ ହସପିଟାଲରେ କାର୍ଯ୍ୟ କରିବାକୁ ଆବଶ୍ୟକୀୟ ମୌଳିକ ଦକ୍ଷତାର ମାନଦଣ୍ଡ ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ଅବିରତ ବ୍ୟବଧାନରେ ମୂଲ୍ୟାୟନ କରାଯିବ। **MBBS ପାଠ୍ୟକ୍ରମ** ଏମିତି ଗଠନ କରାଯିବ ଯେ ତାର **ପ୍ରଥମ ବର୍ଷ ବା ଦୁଇଟି** ବର୍ଷ ସମସ୍ତ **ବିଜ୍ଞାନରେ ସ୍ନାତକ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସାଧାରଣ ଅବଧି ହେବ**, ତାପରେ ସେମାନେ MBBS, BDS, ନର୍ସିଂ ବା ଅନ୍ୟ ସ୍ପେସିଆଲାଇଜେସନ୍ ନେଇପାରିବେ। ନର୍ସିଂ, ଡେଣ୍ଟାଲ ପରି ଅନ୍ୟ ମେଡିକାଲ ବିଷୟରେ ସ୍ନାତକ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ MBBS ପାଠ୍ୟକ୍ରମରେ ପାର୍ଶ୍ଵ ପ୍ରବେଶ (ଲେଟେରାଲ ଏଣ୍ଟ୍ରୀ) ଦିଆଯିବ: ଏକ ମେଡିକାଲ ଶିକ୍ଷା ଯୋଗ୍ୟତା ଫ୍ରେମୱାର୍କ ଏହାକୁ ସୁବିଧା ଦେବ। **ନର୍ସିଂ ଶିକ୍ଷାର ଗୁଣବତ୍ତା** ବୃଦ୍ଧି ପାଇବ; ନର୍ସିଂ ଏବଂ ଏହାର ଅନ୍ୟ ସମ୍ବନ୍ଧିତ ବିଷୟ ପାଇଁ ଜାତୀୟ ଆକ୍ରେଡିଟେସନ୍ ସଂସ୍ଥା ପ୍ରତିଷ୍ଠା କରାଯିବ। ଯଦି ଆମ ଲୋକଙ୍କ **ସ୍ଵାସ୍ଥ୍ୟସେବାରେ ପସନ୍ଦ ଏକାଧିକ** ହୁଏ, ଆମର ସ୍ଵାସ୍ଥ୍ୟସେବା ଶିକ୍ଷା ଇଣ୍ଟିଗ୍ରେଟିଭ୍ ହେବା ଉଚିତ-ଏହାର ଅର୍ଥ ଏଲୋପେଥିକ ମେଡିକାଲ ଶିକ୍ଷାର ସବୁ ଛାତ୍ରଛାତ୍ରୀଙ୍କର ଆୟୁର୍ବେଦ, ଯୋଗ, ନେଚୁରୋପାଥି, ୟୁନାନୀ, ସିଦ୍ଧ ଏବଂ ହୋମିଓପାଥି(AYUSH) ବିଷୟରେ ମୌଳିକ ଜ୍ଞାନ ରହିବା ଉଚିତ ଏବଂ ଆୟୁର୍ବେଦ, ଯୋଗ, ନେଚୁରୋପାଥି, ୟୁନାନୀ, ସିଦ୍ଧ ଏବଂ ହୋମିଓପାଥି(AYUSH) ବିଷୟର ଛାତ୍ରଛାତ୍ରୀମାନଙ୍କ ଏଲୋପେଥିକ ମେଡିକାଲ୍ ଶିକ୍ଷା ମଧ୍ୟ ରହିବା ଉଚିତ। ସମ୍ପୂର୍ଣ୍ଣ ସ୍ଵାସ୍ଥ୍ୟସେବା ଶିକ୍ଷାରେ **ପ୍ରିଭେଣ୍ଟିଭ୍ ସ୍ଵାସ୍ଥ୍ୟସେବା ଏବଂ କମ୍ୟୁନିଟୀ ମେଡିସିନର** ଅଧିକ ଗୁରୁତ୍ଵ ରହିବ।

**ଙ. ବୈଷୟିକ ଶିକ୍ଷାରେ** ନିର୍ଦ୍ଦିଷ୍ଟ ସମସ୍ୟା ରହିଛି କାରଣ ଏହାର ବିଷୟଗୁଡ଼ିକ ସମ୍ପୂର୍ଣ୍ଣରୂପେ ଜ୍ଞାନ ଆଧାରିତ ନୁହେଁ କି ସମ୍ପୂର୍ଣ୍ଣରୂପେ ଦକ୍ଷତା ଆଧାରିତ ନୁହେଁ। ବୈଷୟିକ ବିଦ୍ୟାର ପ୍ରଭାବ ସବୁ ମାନବୀୟ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଇ ଆସୁଛି, ବୈଷୟିକ ଶିକ୍ଷା ଓ ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ ଅନ୍ତର ହ୍ରାସ ପାଇବା ଉଚିତ। ଗବେଷଣା ଓ ନୂତନ ଆବିଷ୍କାର ପାଇଁ ଏହି କ୍ଷେତ୍ରଗୁଡ଼ିକ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିମାନଙ୍କର ଆବଶ୍ୟକ କରିବ ଓ ଶିଳ୍ପୋଦ୍ୟୋଗ ଓ ସଂସ୍ଥାଗୁଡ଼ିକ ମଧ୍ୟରେ ଅତ୍ୟନ୍ତ ସହଯୋଗର ଆବଶ୍ୟକତା ରହିବ।ବର୍ତ୍ତମାନର କାର୍ଯ୍ୟ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ବୃତ୍ତିଧାରୀ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଇଞ୍ଜିନିଅରିଂ ଏବଂ ବୈଷୟିକ **ପାଠ୍ୟକ୍ରମ ପରିବର୍ତ୍ତିତ ହେବ** ଏବଂ ସେମାନେ ବିକାଶ ଲାଭ କରୁଥିବା ବିଜ୍ଞାନ ଓ ବୈଷୟିକ

ଜ୍ଞାନକୌଶଳକୁ ବ୍ୟବହାର କରିବାକୁ ସକ୍ଷମ ହେବେ ଓ ପରିବର୍ତ୍ତିତ ସାମାଜିକ ଅର୍ଥନୈତିକ ପରିବେଶଗତ ପ୍ରସଙ୍ଗଗୁଡ଼ିକରେ ଦାୟିତ୍ୱସମ୍ପନ୍ନ ହେବେ। ବିଭିନ୍ନ, ଅଜଣା ପରିବେଶରେଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜ୍ଞାନ ଓ ଦକ୍ଷତାର ପ୍ରୟୋଗ ପାଇଁ ଓ ବୃତ୍ତିଗତ ନୀତିଗତ ଅନ୍ତର୍ନିହିତ ବିକାଶ କରିବାକୁ **ପାଠ୍ୟକ୍ରମକୁ ନବୀକରଣ** କରାଯିବ। **ନୂତନ ଓ ବିକାଶ ଲାଭ କରୁଥିବା ବିଷୟ** ଯେମିତି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବିଗ୍ ଡାଟା ଆନାଲେସିସ ଆଦି ଉପରେ କୌଶଳାତ୍ମକଜୋର୍ ରହିବ।

ସଂସ୍ଥାଗୁଡ଼ିକର ଆକ୍ରେଡିଟେସନ/ରାଙ୍କିଂ ଶିଳ୍ପୋଦ୍ୟୋଗ, ଏଇ କ୍ଷେତ୍ରରେ ଅନୁଭୂତିସମ୍ପନ୍ନ ଶିକ୍ଷକ, ଉନ୍ନତ ଇଣ୍ଟର୍ନସିପ୍ **ସୁଯୋଗ** ଆଦିର ସହଯୋଗକୁ ପ୍ରେରଣା ପ୍ରଦାନ କରିବ।

# ଜାତୀୟ ଗବେଷଣା ଫାଉଣ୍ଡେସନ୍

## ୧. ଶୈକ୍ଷିକ ଗବେଷଣାକୁ ଉତ୍ସାହିତ କରିବା

**ଉଦ୍ଦେଶ୍ୟ:** ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ମୌଳିକ ଓ କ୍ରମବର୍ଦ୍ଧିଷ୍ଣୁ ଗବେଷଣା ଉପରେ ବିଶେଷ ଧ୍ୟାନ ସହିତ ସମ୍ପୂର୍ଣ୍ଣ ଦେଶରେ ସମସ୍ତ ଶିକ୍ଷାଗତ ବିଷୟରେ ଗବେଷଣା ଏବଂ ନୂତନ ଆବିଷ୍କାରକୁ ଉତ୍ସାହିତ ଏବଂ ସମୃଦ୍ଧ କରିବା - ପ୍ରତିଯୋଗୀତାପୂର୍ଣ୍ଣ ସହକର୍ମୀ-ସମୀକ୍ଷା ଫଣ୍ଡିଙ୍ଗ୍, ନିରୀକ୍ଷଣ କରି ବିଭିନ୍ନ ସୁବିଧା ସହିତ  ଗବେଷଣା ପାଇଁ ଗୋଟିଏ ଅନୁକୂଳ ବ୍ୟବସ୍ଥା ସୃଷ୍ଟି କରିବା।

ଏକ ବୃହତ ଏବଂ ଉନ୍ନତ ଅର୍ଥବ୍ୟବସ୍ଥା, ସମାଜର ଉନ୍ନତି ଏବଂ ରାଷ୍ଟ୍ରକୁ ଅଧିକ ସଫଳତର କରିବାକୁ ପ୍ରେରଣା ଯୋଗାଇବା ପାଇଁ ଗବେଷଣା ଓ ନୂତନ ଆବିଷ୍କାର ହେଉଛି ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ବିଶ୍ୱରେ ଘଟୁଥିବା ଦ୍ରୁତ ପରିବର୍ତ୍ତନ ଯେପରି ଜଳବାୟୁ, ବୈଷୟିକ କ୍ଷେତ୍ର, ଜନସଂଖ୍ୟା ପରିବର୍ତ୍ତନ ଆଦି ଗବେଷଣା ବ୍ୟବସ୍ଥାକୁ ପୂର୍ବ ଅପେକ୍ଷା ଆହୁରି ଗୁରୁତ୍ୱପୂର୍ଣ୍ଣ କରୁଛି।

**କ.** ଭାରତ ସରକାରଙ୍କର ସ୍ୱୟଂଶାସିତ ସଂସ୍ଥା ଭାବରେ ସଂସଦର ଆଇନ ଦ୍ୱାରା ଜାତୀୟ ଗବେଷଣା ଫାଉଣ୍ଡେସନ୍ ପ୍ରତିଷ୍ଠା କରାଯିବ । ଏହାକୁ ବାର୍ଷିକ ଅନୁଦାନ ୨୦୦୦୦ କୋଟି ଟଙ୍କା (GDP ର~ ୦.୧%) ଦିଆଯିବ; ପରବର୍ତ୍ତୀ ଦଶନ୍ଧିରେ ଏହି ଅନୁଦାନ କ୍ରମଶଃ ବୃଦ୍ଧି ପାଇବ ଯେହେତୁ ଗବେଷଣାର ଗୁଣବତ୍ତା ବିକାଶ ଲାଭ କରିବ।

**ଖ.** ଫାଉଣ୍ଡେସନର ପ୍ରାଥମିକ ଲକ୍ଷ୍ୟଗୁଡ଼ିକ ହେଉଛି:

- ଗୋଟିଏ **ପ୍ରତିଯୋଗୀତାପୂର୍ଣ୍ଣ ସହକର୍ମୀ-ସମୀକ୍ଷା** ଆଧାରିତ ପ୍ରକ୍ରିୟା ମାଧ୍ୟମରେ ସମଗ୍ର ଶିକ୍ଷା କ୍ଷେତ୍ରରେ ସମସ୍ତ ବିଷୟରେ ଗବେଷଣା ପାଇଁ ଅର୍ଥରାଶି ପ୍ରଦାନ
- ସମଗ୍ର ଦେଶରେ ଶିକ୍ଷା ସଂସ୍ଥାରେ ଗବେଷଣା ଦକ୍ଷତାର ନିର୍ମାଣ
- ସର୍ବାଧିକ ଜରୁରୀ ଜାତୀୟ ସମସ୍ୟାଗୁଡ଼ିକର ଗବେଷଣା ଏବଂ ନୂତନତମ ଗବେଷଣାଜନିତ ଫଳାଫଳ ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ବୋଲି ନିଶ୍ଚିତ କରିବାକୁ ଗବେଷକ, ସରକାର ଏବଂ ଶିଳ୍ପୋଦ୍ୟୋଗ ମଧ୍ୟରେ ଲାଭଦାୟକ ସଂଯୋଗ ସୃଷ୍ଟି କରିବା
- ବିଶେଷ ପୁରସ୍କାର ଏବଂ ଆଲୋଚନା ଚକ୍ର ମାଧ୍ୟମରେ ଉତ୍କୃଷ୍ଟ ଗବେଷଣାକୁ ଚିହ୍ନଟ କରିବା

**ଗ.** ଫାଉଣ୍ଡେସନ ପାଖରେ ଚାରୋଟି ମୁଖ୍ୟ ବିଭାଗ ରହିବ- ପ୍ରାଥମିକ ଭାବେ ବିଜ୍ଞାନ, ବୈଷୟିକ ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ କଳା ଓ ବିଦ୍ୟା ।

# ଅତିରିକ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ

## ୯.ବୈଷୟିକ ଶିକ୍ଷା

**ଉଦ୍ଦେଶ୍ୟ :** ଶିକ୍ଷକ ପ୍ରସ୍ତୁତି ଏବଂ ବିକାଶର ସମର୍ଥନ; ଶିକ୍ଷାଦାନ, ଶିକ୍ଷଣ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଉନ୍ନତ କରିବାକୁ; ଅଣଉପକାରପ୍ରାପ୍ତ ଗୋଷ୍ଠୀ ପାଇଁ ଶିକ୍ଷା ଦ୍ରୁତଭାବରେ ପହଞ୍ଚାଇବାକୁ; ଏବଂ ଶିକ୍ଷା ଯୋଜନା, ପ୍ରଶାସନ ଓ ପରିଚାଳନାକୁ ସୁବ୍ୟବସ୍ଥାରେ ପରିଚାଳିତକରିବାକୁ ଶିକ୍ଷାର ସମସ୍ତ ସ୍ତରରେ ବୈଷୟିକ ଜ୍ଞାନକୌଶଳକୁ ସାମିଲ କରିବା ।

ଏହି ନୀତି ନିମ୍ନଲିଖିତ କାର୍ଯ୍ୟ ପାଇଁ ବୈଷୟିକ ଜ୍ଞାନକୌଶଳକୁ ଶିକ୍ଷାର ସମସ୍ତ ସ୍ତରରେ ସାମିଲ କରିବା ଉଦ୍ଦେଶ୍ୟ ରଖେ: କ) ଶିକ୍ଷାଦାନ, ଶିକ୍ଷଣ ଏବଂ ମୂଲ୍ୟାୟନ ପ୍ରକ୍ରିୟାର ଉନ୍ନତି; ଖ) ଶିକ୍ଷକ ପ୍ରସ୍ତୁତି ଏବଂ ସେମାନଙ୍କର ନିରବଚ୍ଛିନ୍ନ ବୃତ୍ତିଗତ ଉନ୍ନତିର ସମର୍ଥନ; ଗ) ଅଣଉପକାରପ୍ରାପ୍ତ ଗୋଷ୍ଠୀକୁଶୈକ୍ଷିକ ସୁବିଧା ଯୋଗାଇବା ଏବଂ ଘ)ଶିକ୍ଷା ଯୋଜନା, ପ୍ରଶାସନ ଓ ପରିଚାଳନାକୁ ସୁବ୍ୟବସ୍ଥାରେ ପରିଚାଳିତକରିବା।

**କ.** ରାଜ୍ୟ, କେନ୍ଦ୍ର ସରକାରଙ୍କୁ ନେତୃତ୍ୱ ପ୍ରଦାନ କରି ଏବଂ ଅନ୍ୟ ସହଭାଗୀଙ୍କୁ ନବୀନତମ ଜ୍ଞାନ ଏବଂ ଗବେଷଣା ପ୍ରଦାନ କରି ପରସ୍ପର ସହିତ ଉତ୍ତମ କାର୍ଯ୍ୟକଳାପ ବିଷୟରେ ପରାମର୍ଶ କରିବାର ସୁଯୋଗ ଦେଇ ବୈଷୟିକ ଜ୍ଞାନକୌଶଳର ବିନିଯୋଗ, କାର୍ଯ୍ୟପ୍ରକ୍ରିୟା ଏବଂ ବ୍ୟବହାର ଉପରେ ବିଚାର କରିବାକୁ ଏକ ସ୍ୱୟଂଶାସିତ ସଂସ୍ଥା **ଜାତୀୟ ଶୈକ୍ଷିକ ବୈଷୟିକ ଫୋରମ୍** ପ୍ରତିଷ୍ଠା କରାଯିବା।

**ଖ.** ଡିଜିଟାଲ ରିପୋଜିଟୋରୀ, ବୈଷୟିକ ବିଜ୍ଞାନ ବ୍ୟବହାର କରିବାକୁ ଶିକ୍ଷକ ପ୍ରସ୍ତୁତି, ଉପଯୁକ୍ତ ସାହାଯ୍ୟ ଓ ଗବେଷଣା ଦ୍ୱାରା ଶିକ୍ଷା ପ୍ରକ୍ରିୟାରେ (ଯେମତି ଅନୁବାଦକୁ ସମର୍ଥନ, ଶିକ୍ଷାଦାନ ପଦ୍ଧତିରେ ସହାୟତା, ନିରବଚ୍ଛିନ୍ନ ବୃତ୍ତିଗତ ବିକାଶ କରିବାକୁ ସୁବିଧା, ଅନଲାଇନ୍ ପାଠ୍ୟକ୍ରମ, ଇତ୍ୟାଦି)ବୈଷୟିକ ଜ୍ଞାନକୌଶଳ ସାମିଲ କରିବା । ଗବେଷଣା କରିବା ଓ ବୈଷୟିକ ଜ୍ଞାନର ବ୍ୟବହାର ପାଇଁ ବୈଷୟିକ ଶିକ୍ଷାରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପ୍ରତିଷ୍ଠା କରାଯିବା।

**ଗ.** ଶିକ୍ଷା ଡାଟାର ଜାତୀୟ ସଂଗ୍ରହାଳୟ ସଂସ୍ଥା, ଶିକ୍ଷକ ଏବଂ ଛାତ୍ର ସହିତ ସମ୍ବନ୍ଧିତ ଥିବା ସମସ୍ତ ରେକର୍ଡ ଡିଜିଟାଲ୍ ଫର୍ମରେ ରଖିବ ।

## ୨. ଧନ୍ଦାମୂଳକ ଶିକ୍ଷା

ଉଦ୍ଦେଶ୍ୟ: ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରି ସମସ୍ତ ଶିକ୍ଷା ସଂସ୍ଥାରେ ଧନ୍ଦାମୂଳକ ଶିକ୍ଷାର ଏକୀକରଣ । ୨୦୨୫ ସୁଦ୍ଧା ସମସ୍ତ ଶିକ୍ଷାର୍ଥିଙ୍କୁ ଅନ୍ତତଃ ୫୦ ପ୍ରତିଶତଙ୍କୁ ଧନ୍ଦାମୂଳକ ଶିକ୍ଷାରେ ପ୍ରବେଶ ପ୍ରଦାନ କରାଯିବ ।

ଭାରତୀୟ ଜନତାର ସମ୍ପୂର୍ଣ୍ଣ ଦକ୍ଷତାକୁ ବାସ୍ତବ ରୂପ ଦେବା ପାଇଁ ଏହି ନୀତି୨୦୨୫ ସୁଦ୍ଧା ବିଦ୍ୟାଳୟ ଏବଂ ଉଚ୍ଚତର ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଅନ୍ତତଃ ୫୦ ପ୍ରତିଶତ ମଧ୍ୟରେ ଦକ୍ଷତା ବିକାଶ କରିବାର ଲକ୍ଷ୍ୟ ସ୍ଥିର କରିଛି ।

**କ.** ପରବର୍ତ୍ତୀ ଦଶକରେ ପର୍ଯ୍ୟାୟକ୍ରମେ ସମସ୍ତ **ଶୈକ୍ଷିକ ସଂସ୍ଥାରେ ଧନ୍ଦାମୂଳକ ଶିକ୍ଷା ଏକୀକରଣ** ହେବ । ଧ୍ୟାନ ଦେବାର କ୍ଷେତ୍ରଗୁଡ଼ିକ ଦକ୍ଷତା ଅନ୍ତର ବିଶ୍ଳେଷଣ ଏବଂ ସ୍ଥାନୀୟ ସୁଯୋଗର ମ୍ୟାପିଙ୍ଗ୍ ଆଧାରରେ ବଛାଯିବ, ଏବଂ ଉଦାର(ଲିବେରାଲ)ଶିକ୍ଷାର ବୃହତ୍ତର ଲକ୍ଷ୍ୟର ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ଗୋଟିଏ ଅଂଶ ହେବ । ଧନ୍ଦାମୂଳକ ଶିକ୍ଷାର ଏକୀକରଣ ପାଇଁ ଧନ୍ଦାମୂଳକ ଶିକ୍ଷାର ଏକୀକରଣ ଜାତୀୟ କମିଟି ସମ୍ପୂର୍ଣ୍ଣ କାର୍ଯ୍ୟ ତଦାରଖ କରିବ ।

**ଖ.** ଏହି ପରିବର୍ତ୍ତନ ଶିକ୍ଷା ସଂସ୍ଥା ଏବଂ ବୈଷୟିକ ସଂସ୍ଥା ଏବଂ ଶିଳ୍ପ ମଧ୍ୟରେ **ସହଯୋଗରେ** ଓ ଏକୀକରଣ ପାଇଁ ଗୋଟିଏ ଅଲଗା ଫଣ୍ଡ ମାଧ୍ୟମରେ ହେବ।

**ଗ.** ପ୍ରତ୍ୟେକ ବିଷୟ / ଧନ୍ଦା/ବୃତ୍ତି ପାଇଁ **ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କରେ** ସମ୍ପୂର୍ଣ୍ଣରୂପେ ଆଲୋଚନା କରାଯିବ । ଏହାଛଡ଼ା, ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା ଦ୍ୱାରା ପରିଚାଳିତ  ବୃତ୍ତିର ଆନ୍ତର୍ଜାତୀୟ ମାନକ ବର୍ଗୀକରଣ ଅନୁସାରେ ଭାରତୀୟ ମାନକ ସ୍ଥିର କରାଯିବ । ଏହି ଫ୍ରେମୱାର୍କ **ପୂର୍ବ ଶିକ୍ଷାର ମାନ୍ୟତା** ପାଇଁ ଭିତ୍ତିଭୂମି ପ୍ରଦାନ କରିବ । ଏହା ଦ୍ୱାରା, ବିଦ୍ୟାଳୟ ବ୍ୟବସ୍ଥାରେ ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରୟୋଗାତ୍ମକ ଅନୁଭୂତି ସହିତ ଫ୍ରେମୱାର୍କର ଉପଯୁକ୍ତ ସ୍ତରରେ ପୁଣି ସାମିଲ କରାଯିବ। ଫ୍ରେମୱାର୍କ ସମସ୍ତ ସାଧାରଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ଗତିଶୀଳତାକୁ କାର୍ଯ୍ୟାନ୍ୱିତ କରିବ ।

**ଘ. ୨୦୩୦-୩୫ ପର୍ଯ୍ୟନ୍ତ ସ୍ନାତକ ସ୍ତରରେ** ଧନ୍ଦାମୂଳକ ଶିକ୍ଷାରେ ୫୦% ନାମଲେଖାକୁ ବୃଦ୍ଧି କରାଯିବ । ଉଚ୍ଚତର ଶିକ୍ଷା ସଂସ୍ଥାଗୁଡ଼ିକ ନିଜେ ବା ଶିଳ୍ପୋଦ୍ୟୋଗଗୁଡ଼ିକ ସହିତ ସହଯୋଗରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିପାରିବେ ।

**ଙ.** ଉଚ୍ଚ ଶିକ୍ଷା ସଂସ୍ଥାଗୁଡ଼ିକ ଦ୍ୱାରା ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରୁଥିବା ଓ ନବୀଶ ପ୍ରଶିକ୍ଷଣ **ମଡ଼େଲର** ପରୀକ୍ଷଣ କରାଯାଇପାରେ । ଶିଳ୍ପ ସଂସ୍ଥା ସହିତ ଉଚ୍ଚ ଶିକ୍ଷା ସଂସ୍ଥାରେ ଇନକ୍ୟୁବସନ୍ କେନ୍ଦ୍ର ସ୍ଥାପନ କରାଯିବ ।

**୧. 'ଲୋକବିଦ୍ୟା'**, ଭାରତରେ ବିକାଶ ଲାଭ କରିଥିବା ଜ୍ଞାନକୁ ଧନ୍ଦାମୂଳକ ଶିକ୍ଷାରେ ଏକୀକରଣ କରି ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଉପଲବ୍ଧ କରାଯିବ।

## ୩. ପ୍ରୌଢ଼ ଶିକ୍ଷା

**ଉଦ୍ଦେଶ୍ୟ:** ୨୦୩୦ ମସିହା ସୁଦ୍ଧା ଯୁବକ ତଥା ବୟସ୍କମାନଙ୍କ କ୍ଷେତ୍ରରେ ୧୦୦% ସାକ୍ଷରତା ହାର ପ୍ରାପ୍ତ କରିବା ଏବଂ ପ୍ରୌଢ଼ ତଥା ନିରନ୍ତର ଶିକ୍ଷା ପାଠ୍ୟକ୍ରମକୁ ଗୁରୁତ୍ୱ ସହକାରେ ପ୍ରସାରିତ କରିବା।

ସାକ୍ଷରତା ଏବଂ ମୌଳିକ ଶିକ୍ଷା ବ୍ୟକ୍ତିଗତ, ନାଗରିକ, ଅର୍ଥନୈତିକ ଏବଂ ଜୀବନବ୍ୟାପୀ ଜ୍ଞାନ ଆହରଣର ସୁଯୋଗଗୁଡ଼ିକରେ ସହଭାଗୀ ହେବାପାଇଁ ବ୍ୟକ୍ତିକୁ ସମର୍ଥ କରିଥାଏ – ଏହା ପ୍ରତ୍ୟେକ ନାଗରିକର ଅଧିକାର ଅଟେ। ତଥାପି, ଆମଦେଶର ଯୁବବର୍ଗ ତଥା ବୟସ୍କ ଲୋକଙ୍କର ନିରକ୍ଷରତା ଅନୁପାତ ଆଜିବି ଚିନ୍ତାଜନକ ଯାହାକି ଆଦୌ ଗ୍ରହଣଯୋଗ୍ୟ ନୁହେଁ।

**କ.** ପ୍ରୌଢ଼ ଶିକ୍ଷା ନିମନ୍ତେ ଏକ ଜାତୀୟ ପାଠ୍ୟକ୍ରମର ଫ୍ରେମୱାର୍କ ବିକଶିତ କରାଯିବ, ଯାହାକି ପାଞ୍ଚଟି ବ୍ୟାପକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିପାରିବ, ଯଥା – ମୌଳିକ ସାକ୍ଷରତା ଏବଂ ଗଣିତରେ ମୌଳିକ ଜ୍ଞାନ, ଗୁରୁତ୍ୱପୂର୍ଣ୍ଣ ଜୀବନ ବଞ୍ଚିବାର ଦକ୍ଷତା, ଧନ୍ଦାମୂଳକ ଦକ୍ଷତା, ମୌଳିକ ଶିକ୍ଷା ଏବଂ ନିରନ୍ତର ଶିକ୍ଷା। ଏହି ଫ୍ରେମୱାର୍କ ଅନୁଯାୟୀ ମୂଲ୍ୟାୟନ ଏବଂ ସାର୍ଟିଫିକେସନର ମାନଦଣ୍ଡ ବ୍ୟବସ୍ଥା ସହିତ ପାଠ୍ୟ ପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ଆଦିକୁ ବିକଶିତ କରାଯିବ।

**ଖ.** ପ୍ରୌଢ଼ ଶିକ୍ଷାକେନ୍ଦ୍ର ପରିଚାଳକ ଏବଂ ପ୍ରଶିକ୍ଷକମାନଙ୍କର ଏକ **ଗୋଷ୍ଠୀ** ନିର୍ମାଣ କରାଯିବ ଏବଂ ଏଥିସହିତ ଜାତୀୟ ପ୍ରୌଢ଼ ଶିକ୍ଷା ଟ୍ୟୁଟର୍ ପାଠ୍ୟକ୍ରମ ମାଧ୍ୟମରେ ଜଣକୁ-ଜଣେ ହିସାବରେ ଟ୍ୟୁଟରମାନଙ୍କ ଏକ ବୃହତ ଗୋଷ୍ଠୀ ପ୍ରସ୍ତୁତ କରାଯିବ ଯାହାକି ପ୍ରୌଢ଼ ଶିକ୍ଷାକୁ କାର୍ଯ୍ୟକାରୀ କରିବାରେ ଉପଯୁକ୍ତ ସହାୟତା ପ୍ରଦାନ କରିବ।

**ଗ.** ପ୍ରତିଭାଗୀମାନଙ୍କୁ ଚିହ୍ନଟ କରିବାପାଇଁ **ପ୍ରଚଳିତ କାର୍ଯ୍ୟକ୍ରମ ଏବଂ ଯୋଜନାଗୁଡ଼ିକର** ପୁନରୁତ୍ଥାନ କରାଯିବ। ସାମାଜିକ ସ୍ୱୟଂସେବୀମାନଙ୍କୁ ପ୍ରୋତ୍ସାହିତ କରାଯିବ – ଯେପରି ସମାଜର ପ୍ରତ୍ୟେକ ସାକ୍ଷର ସଦସ୍ୟ ଅତିକମରେ ଜଣେ ବ୍ୟକ୍ତିଙ୍କୁ ପଢ଼ିବାରେ ସକ୍ଷମ କରିବା ପର୍ଯ୍ୟନ୍ତ ଶିକ୍ଷାଦାନ କରିବେ, ଏହାକୁ ହିଁ ପ୍ରମୁଖ ରଣନୀତିଭାବରେ ଗ୍ରହଣ କରାଯିବ। **ବ୍ୟାପକ ଜନ ସଚେତନତା** ସୃଷ୍ଟି କରାଯିବ। **ନାରୀ ସାକ୍ଷରତା** ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯିବ।

# ୪. ଭାରତୀୟ ଭାଷାର ପ୍ରସାର

**ଉଦ୍ଦେଶ୍ୟ**: ସମସ୍ତ ଭାରତୀୟ ଭାଷାର ସଂରକ୍ଷଣ, ବିକାଶ ଏବଂ ଉତ୍କୃଷ୍ଟତାର ସୁନିଶ୍ଚିତ କରିବା।

ଆଦିବାସୀ ଭାଷାକୁ ମିଶାଇ ଯେତେବେଳେ ସମସ୍ତ ଭାରତୀୟ ଭାଷାପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯିବ, ସେତେବେଳେ ହିଁ ପ୍ରତ୍ୟେକ ଅଞ୍ଚଳର ସଂସ୍କୃତି ଏବଂ ପରମ୍ପରାର ଉଚିତ ସମ୍ମିଳନ ଏବଂ ସଂରକ୍ଷଣ ହୋଇପାରିବା ସହିତ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଥିପ୍ରତି ସଠିକ ବୁଝାମଣା ବା ଆତ୍ମବୋଧ ପ୍ରାପ୍ତ କରାଯାଇପାରିବ। ତେଣୁ ସମସ୍ତ ସମୃଦ୍ଧ ଭାରତୀୟ ଭାଷା ଏବଂ ସାହିତ୍ୟର ଉପଯୁକ୍ତ ସଂରକ୍ଷଣ ନିଶ୍ଚିତରୂପେ ଏକ ଗମ୍ଭୀର ତଥା ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ।

**କ.** ସାରା ଦେଶରେ ଭାରତୀୟ ଭାଷା ଓ ସାହିତ୍ୟଭିତ୍ତିକ ବଳିଷ୍ଠ କାର୍ଯ୍ୟକ୍ରମ, ଶିକ୍ଷକ ଏବଂ ପ୍ରଧ୍ୟାପକ ନିଯୁକ୍ତି, ମନୋଯୋଗପୂର୍ଣ୍ଣ ଗବେଷଣା ଏବଂ ଶାସ୍ତ୍ରୀୟ ଭାଷାର ପ୍ରଚାର ପ୍ରସାର ମାଧ୍ୟମରେ ହିଁ ଭାଷା, ସାହିତ୍ୟ ତଥା ଭାରତୀୟ ଭାଷାରେ ରହିଥିବା ବୈଜ୍ଞାନିକ ଶବ୍ଦାବଳୀ ପ୍ରତି ଉଚିତ ଧ୍ୟାନ ପ୍ରଦାନ କରାଯାଇପାରିବ।

**ଖ.** ଶାସ୍ତ୍ରୀୟ ଭାଷା ଏବଂ ସାହିତ୍ୟର ପ୍ରସାର ଏବଂ ପ୍ରୋତ୍ସାହନ କରିଆସୁଥିବା ପ୍ରତିଷ୍ଠାନଗୁଡ଼ିକୁ ସମୃଦ୍ଧ କରାଯିବ। ପାଲୀ, ପାର୍ସୀ ଏବଂ ପ୍ରାକୃତ ଭାଷା ନିମନ୍ତେ ଏକ ଜାତୀୟ ପ୍ରତିଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯିବ।

**ଗ.** ସମଗ୍ର ଦେଶରେ ଶବ୍ଦଭଣ୍ଡାରର ବିକାଶ କାର୍ଯ୍ୟର ଦାୟିତ୍ୱରେ ଥିବା ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ ଆୟୋଗକୁ ନବୀକରଣ କରାଯିବା ସହିତ ଏହାର ବ୍ୟାପକ ସମ୍ପ୍ରସାରଣ କରାଯିବ, ଯେଉଁଥିରେ କେବଳ ଭୌତିକ ବିଜ୍ଞାନ ନୁହେଁ, ବରଂ ସମସ୍ତ ବିଭାଗ ଏବଂ କ୍ଷେତ୍ର ଅନ୍ତର୍ଭୁକ୍ତ ରହିବ।

# ରାଷ୍ଟ୍ରୀୟ ଶିକ୍ଷା ଆୟୋଗ

# ୧. ଶିକ୍ଷା ପରିବର୍ତ୍ତନ : ରାଷ୍ଟ୍ରୀୟ ଶିକ୍ଷା ଆୟୋଗ

**ଉଦ୍ଦେଶ୍ୟ**: ଏକ ନୂତନ ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ଭାରତୀୟ ଶିକ୍ଷା ବ୍ୟବସ୍ଥାର ସମନ୍ୱିତ କାର୍ଯ୍ୟାବଳୀ, ସମସ୍ତ ସ୍ତରରେ ସମାନ ଓ ସର୍ବୋତ୍ତମ ଶିକ୍ଷା ପ୍ରଦାନ କରିବାକୁ  ପରିଚାଳିତ କରିବ।

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରେରଣାପ୍ରଦ ନେତୃତ୍ୱର ଆବଶ୍ୟକତା ରହିଛି ଯାହା ଶିକ୍ଷାର ଉତ୍କର୍ଷତାକୁ ସୁନିଶ୍ଚିତ କରାଇଥାଏ।

**କ.** ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରମୁଖ ସଂସ୍ଥାରୂପେ ରାଷ୍ଟ୍ରୀୟ ଶିକ୍ଷା ଆୟୋଗ କିମ୍ବା ନେସେନାଲ ଏଜୁକେସନ୍ କମିଶନ୍ ପ୍ରତିଷ୍ଠିତ ହେବ ।

**ଖ.** ଦୈନନ୍ଦିନ କାର୍ଯ୍ୟକଳାପ ସମ୍ବନ୍ଧିତ ପ୍ରତ୍ୟକ୍ଷ ଦାୟିତ୍ୱ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ହେବେ ଏହାର ଉପାଧ୍ୟକ୍ଷ ।

**ଗ.** ଏହି **ଆୟୋଗରେ** ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର ପ୍ରତିନିଧି ଏବଂ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବୃତ୍ତିଧାରୀ ବ୍ୟକ୍ତିବିଶେଷ **ରହିବେ।** ଆୟୋଗର ସବୁ ସଦସ୍ୟଗଣ ଉଚ୍ଚ ଅଭିଜ୍ଞତାସମ୍ପନ୍ନ ହୋଇଥିବେ ତଥା ନିଜସ୍ୱ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ସାର୍ବଜନିକ କାର୍ଯ୍ୟ କରିଥିବେ ଏବଂ ସେମାନଙ୍କର ଅଖଣ୍ଡ  ସ୍ୱତନ୍ତ୍ରତା ରହିଥିବ।

**ଘ.** ଆୟୋଗଟି **ଭାରତୀୟ ଶିକ୍ଷାର ତତ୍ତ୍ୱାବଧାରକ** ଭାବରେ କାର୍ଯ୍ୟକରିବ। ଆମ ସମାଜର ସାମାଜିକ ବିବିଧତାକୁ ପ୍ରତିପାଳନ କରିବା ସହିତ ଶିକ୍ଷାର ସମ୍ପୂର୍ଣ୍ଣ ଜାତୀୟ ଉଦ୍ଦେଶ୍ୟକୁ ସଫଳ କରିବ। ସମ୍ପୃକ୍ତ ସମସ୍ତ କାର୍ଯ୍ୟକାରୀ ସଂସ୍ଥା ଏବଂ ଜାତୀୟ, ରାଜ୍ୟସ୍ତରୀୟ ଏବଂ ସଂସ୍ଥା ସ୍ତରୀୟ ନେତୃବର୍ଗଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରଭାବୀ ତଥା ସମୟୋପଯୋଗୀ ଲକ୍ଷ୍ୟ ଏବଂ ପଦକ୍ଷେପଗୁଡ଼ିକୁ ଏହା ସହାୟତା ପ୍ରଦାନ କରିବ।

**ଙ.** ସୁସମ୍ବନ୍ଧ ତଥା ସମନ୍ୱୟତାକୁ ସୁନିଶ୍ଚିତ କରିବାପାଇଁ ଏବଂ ଆୟୋଗ **ଘନିଷ୍ଠଭାବରେ ପ୍ରତ୍ୟେକ ରାଜ୍ୟ ସହିତ ମିଶି** କାର୍ଯ୍ୟ କରିବ। ରାଜ୍ୟଗୁଡ଼ିକ ଶିକ୍ଷା ନିମନ୍ତେ ରାଜ୍ୟସ୍ତରୀୟ ପ୍ରମୁଖ ପ୍ରତିଷ୍ଠାନ ସ୍ଥାପନ କରିପାରିବେ ଯାହାକୁ ରାଜ୍ୟ ଶିକ୍ଷା ଆୟୋଗ ବା ଷ୍ଟେଟ୍ ଏଜୁକେସନ୍ କମିଶନ୍ ନାମରେ ନାମିତ କରାଯିବ।

# ଶିକ୍ଷାରେ ଅର୍ଥ ବିନିଯୋଗ

# ୧. ଶିକ୍ଷାରେ ଅର୍ଥ ବିନିଯୋଗ

**କ.** ଏହି ନୀତି ଶିକ୍ଷା କ୍ଷେତ୍ରରେ ନିବେଶକୁ ବୃଦ୍ଧି ଘଟାଇବାର ପ୍ରତିଶୃତି ପ୍ରଦାନ କରିଥାଏ, ଭବିଷ୍ୟତ ସମାଜର ସମୃଦ୍ଧି ପାଇଁ ଶିକ୍ଷାରେ ଅର୍ଥ ବିନିଯୋଗ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିବେଶ।

**ଖ.** ଏହି ନୀତି, ଆଗାମୀ ୧୦ ବର୍ଷର ସମୟସୀମା ମଧ୍ୟରେ **ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମାଧ୍ୟମରେ ଶିକ୍ଷାକ୍ଷେତ୍ରରେ ସରକାରୀ ନିବେଶ ପରିମାଣରେ ୨୦%କୁ ବୃଦ୍ଧି କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।**

**ଗ.** ବଞ୍ଚିତ ଅଥବା ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ବର୍ଗ ନିମନ୍ତେ ନ୍ୟାୟୋଚିତ ତଥା ଉଚ୍ଚମାନର ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବାପାଇଁ ଶିକ୍ଷଣ ସାମଗ୍ରୀ, ବିଦ୍ୟାର୍ଥୀ ସୁରକ୍ଷା ଏବଂ କଲ୍ୟାଣ, ପୋଷଣ ସହାୟତା, ପର୍ଯ୍ୟାପ୍ତ କର୍ମକର୍ତ୍ତା ନିଯୁକ୍ତି, ଶିକ୍ଷକ ବିକାଶ ଏବଂ ସମସ୍ତ ପ୍ରକାରର ଉପକ୍ରମରେ ସହାୟତା ପ୍ରଦାନ ଆଦି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ପାଇଁ ଯେତିକି ଆର୍ଥିକ ସହାୟତା ଆବଶ୍ୟକ ତାହା ଯୋଗାଇ ଦିଆଯିବ।

**ଘ.** ଶିକ୍ଷା କ୍ଷେତ୍ରରେ ବ୍ୟକ୍ତିଗତ ବା ଘରୋଇ ଜନହିତକାରୀ କାର୍ଯ୍ୟ କରିବାପାଇଁ ନୀତିର ରୂପରେଖକୁ ନବୀକରଣ, ସକ୍ରିୟ ପ୍ରଚାର ପ୍ରସାର ଏବଂ ସହାୟତାର ଆବଶ୍ୟକତା ରହିଛି। ଶିକ୍ଷାକ୍ଷେତ୍ରରେ ସାର୍ବଜନିନ-ସ୍ରୋତରୁ ପ୍ରାପ୍ତ ସମସ୍ତ ଆର୍ଥିକ ସହାୟତାକୁ ଲାଭରହିତ ଭିତ୍ତିରେ ବିଦ୍ୟମାନଥିବା ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ବିନିଯୋଗ କରାଯିବ।

**ଙ.** ପ୍ରାଥମିକଭାବେ ଭିତ୍ତିଭୂମି ଏବଂ ସମ୍ବଳ ବିକାଶ ସମ୍ପର୍କୀତ ଏକ ସମୟରେ ଖର୍ଚ୍ଚକୁ ମିଶାଇ ନୀତି ନିମ୍ନଲିଖିତ **ପ୍ରମୁଖ କ୍ଷେତ୍ର** ଚିହ୍ନଟ କରିଛି, ସେଗୁଡ଼ିକ ହେଲା: (i) ପ୍ରାରମ୍ଭିକ ଶିଶୁ ଶିକ୍ଷାର ବିକାଶ ଏବଂ ବିସ୍ତାର (ii) ପ୍ରାଥମିକ ବା ମୌଳିକ ସାକ୍ଷରତା ଏବଂ ଗଣିତର ମୌଳିକ ଶିକ୍ଷା ସୁନିଶ୍ଚିତତା (iii) ପର୍ଯ୍ୟାପ୍ତ ତଥା ଉପଯୁକ୍ତ ବିଦ୍ୟାଳୟ ପରିସରର ପୁନଃସ୍ଥାପନା (iv) ଖାଦ୍ୟ ଏବଂ ପୋଷଣ (ଜଳଖିଆ ଏବଂ ମଧ୍ୟାହ୍ନ ଭୋଜନ), (v) ଶିକ୍ଷକ ପ୍ରଶିକ୍ଷଣ ଏବଂ ଶିକ୍ଷକମାନଙ୍କର ନିରବଚ୍ଛିନ୍ନ ବୃତ୍ତିଗତ ବିକାଶ, (vi) ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ପୁନଃନିର୍ମାଣ ଏବଂ (vii) ଗବେଷଣା।

**ଚ.** ଶାସନ ଏବଂ ପରିଚାଳନା ବ୍ୟବସ୍ଥାର ଧ୍ୟାନ ସର୍ବଦା ସମୟାନୁଯାୟୀ ପର୍ଯ୍ୟାପ୍ତ ଧନରାଶି ପ୍ରଦାନ ଏବଂ ସାଧୁତାର ସହିତ ତା'ର ବ୍ୟବହାର ଉପରେ ନିବିଷ୍ଟ ରହିବ। ଭୂମିକାର ସ୍ପଷ୍ଟ ବିଭାଜନ, ପ୍ରତିଷ୍ଠାନଗୁଡ଼ିକର ସଶକ୍ତିକରଣ ଏବଂ ସ୍ୱାୟତ୍ତତା ପ୍ରଦାନ, ନେତୃତ୍ୱର ଭୂମିକାରେ ଉପଯୁକ୍ତ ବ୍ୟକ୍ତିବିଶେଷଙ୍କ ନିଯୁକ୍ତି ଏବଂ ଉତ୍ତମ ନିରୀକ୍ଷଣ ମାଧ୍ୟମରେ ଏହାକୁ କାର୍ଯ୍ୟକ୍ଷମ କରାଯାଇପାରିବ।

**ଛ.** 'ଶକ୍ତ କିନ୍ତୁ ସରଳ' ନିୟନ୍ତ୍ରଣ ବ୍ୟବସ୍ଥା ମାଧ୍ୟମରେ ଓ ଏକାଧିକ ପ୍ରାସଙ୍ଗିକ କ୍ଷେତ୍ରରୁ ସାର୍ବଜନୀକ ଶିକ୍ଷା କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶ ସହିତ ପାରଦର୍ଶୀ ସରକାରୀ ଶାସନଗତ କାର୍ଯ୍ୟକଳାପ ମାଧ୍ୟମିକ **ଶିକ୍ଷାର ବ୍ୟବସାୟକରଣ** ସମ୍ପର୍କୀତ ବିଷୟକୁ ସମାଧାନ କରାଯାଇପାରିବ।

## ୨. ଆଗାମୀ ପଦକ୍ଷେପ

ଶିକ୍ଷାରେ ସମ୍ବନ୍ଧିତ ସମସ୍ତ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ଓ ସହଯୋଗରେ ବିଭିନ୍ନ ସଂସ୍ଥାମାନଙ୍କର ମୁଖ୍ୟ କାର୍ଯ୍ୟଗୁଡ଼ିକ ସହିତ ସମୟ ଅବଧି ଓ ସମୀକ୍ଷା ପାଇଁ ଯୋଜନା ବିଷୟରେ ଏହି ନୀତି ବର୍ଣ୍ଣନା କରିବା ସହିତ ତାର ଉଦ୍ଦେଶ୍ୟ ଓ ପ୍ରାଣ ଅନୁସାରେ ପ୍ରୟୋଗକୁ ମଧ୍ୟ ଆଲୋଚନା କରିଥାଏ।

*ମାନବସଭ୍ୟତାର ପ୍ରତ୍ୟେକ ଯୁଗରେ ଜ୍ଞାନ ହେଉଛି ପୂର୍ବ ପିଢ଼ିଦ୍ୱାରା ସୃଷ୍ଟ ଜ୍ଞାନର ସମାହାର, ଯେଉଁଥିରେ ବର୍ତ୍ତମାନର ପିଢ଼ି ତାର ନିଜସ୍ୱ ଜ୍ଞାନକୁ ସଂଯୋଗ  କରିଥାଏ।*

*ମବିଅସ୍ ଷ୍ଟ୍ରିପର ପ୍ରତୀକ ଜ୍ଞାନର ଚିରନ୍ତନ, ନିତ୍ୟ ବିକାଶୋନ୍ମୁଖୀ ଏବଂ ଜୀବନ୍ତ ପ୍ରକୃତି ଦର୍ଶାଇଥାଏ- ଯାହାର ଆରମ୍ଭ ନାହିଁ କି ଅନ୍ତ ବି ନାହିଁ।*

*ଏହି ନିରବଚ୍ଛିନ୍ନ ପ୍ରକ୍ରିୟାର ଅଂଶ ରୂପେ ଜ୍ଞାନର ସୃଷ୍ଟି, ବ୍ୟବହାର ଓ ପ୍ରଚାର ବିଷୟରେ ଏହି ନୀତି ଭବିଷ୍ୟତର ଏକ ସଫଳ ରୂପାୟନ କରିଥାଏ ।*

